● ବର୍ଷ–୩୩ ● ସଂଖ୍ୟା–୨୨୩ ● ୧୨ ସେପ୍ଟେମ୍ବର ୨୦୨୬ ଶନିବାର
● ଭୁବନେଶ୍ୱର ● Vol -33 ● Issue-223
● 12th September 2026,
Saturday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

e-paper www.sambadkalika.in

E-mail : sambadkalikanews@gmail.com

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika ™

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00



सत्यमेव जयते

GOVERNMENT OF INDIA



*“Our goal will be to redefine BRICS as Building Resilience and Innovation for Cooperation and Sustainability. Just as we brought inclusivity to our G-20 Presidency and placed the concerns of the Global South at the forefront of the agenda, similarly, during our Presidency of BRICS, we will advance this forum with a people-centric approach and the spirit of ‘Humanity First.’”*

*- Shri Narendra Modi, Prime Minister*

# Shaping an Inclusive Future

BRICS
INDIA 2026

BUILDING FOR RESILIENCE, INNOVATION, COOPERATION AND SUSTAINABILITY

## BRICS SUMMIT

12 - 13 September 2026 New Delhi, India

As BRICS completes twenty years, India's Chairship marks a defining moment. It is uniting emerging and developing economies to build resilient, innovative, sustainable and inclusive societies.

## HIGHLIGHTS

400+ Meetings | 30+ Cities in India | 20+ Ministerials | 10,000+ Participants

www.brics2026.gov.in | BRICS2026India | brics2026 | BricsIndia2026 | BRICS India

CBC 14129/13/0023/2627



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା-୩

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ-୩୩ ● ସଂଖ୍ୟା-୨୨୩ ● ୧୨ ସେପ୍ଟେମ୍ବର ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-223 ● 12th September 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ଦୁବାଇରେ ରୋଡ୍ ସୋ’

# ୟୁଏଇ ନିବେଶକଙ୍କୁ ଓଡ଼ିଶା ଆସିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

**ଦୁବାଇ/ଭୁବନେଶ୍ୱର, ୧୧।୯**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଶିଳ୍ପ ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ୟୁଏଇ ନିବେଶକମାନଙ୍କୁ ସହଭାଗୀ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ କରିଛନ୍ତି । ଦୁବାଇରେ ଆୟୋଜିତ ଓଡିଶା ନିବେଶକ ସମ୍ମିଳନୀ-ୟୁଏଇ- ୨୦୨୬ ରେ ପ୍ରାୟ ୪୦୦ ବ୍ୟବସାୟୀ, ନିବେଶକ ଓ ୟୁଏଇ ବ୍ୟବସାୟିକ ସମୁଦାୟର ପ୍ରତିନିଧି ଯୋଗଦେଇଥିଲେ ।




ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରାକୃତିକ ସମ୍ପଦ, ପ୍ରତିଯୋଗିତାମୂଳକ ଶକ୍ତି, ବନ୍ଦର, ଶିଳ୍ପ ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ଓ ନିବେଶ ଅନୁକୂଳ ପରିବେଶକୁ ନିବେଶକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ମୁଖ୍ୟତଃ ଖଣିଜ ସମ୍ପଦ ବିଶେଷକରି କ୍ରୋମାଇଟି, ବକ୍ସାଇଟି, ମାଙ୍ଗାନିଜ୍‌ର ଉପଲବ୍ଧତା, ଯୋଗାଯୋଗ ଭିତ୍ତିଭୂମି, ଜଳ, ଶକ୍ତି ସହିତ ରାଜ୍ୟ ସରକାରଙ୍କ ଅନୁକୂଳ ଶିଳ୍ପ ବାତାବରଣ ଏଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ସହାୟକ ହେବ। ଏଲଏନଜି ଷ୍ଟୋରେଜ୍, ଗ୍ରୀନ୍ ଏନର୍ଜି, କୃତ୍ରିମ ବୁଦ୍ଧିମତା ଡାଟା ସେଣ୍ଟର, ରେୟାର୍ ଆର୍ଥ, ଜାହାଜ ମରାମତି, ପ୍ରୋପେଲାଣ୍ଟ ଉତ୍ପାଦନ, ସାର ଓ ରସାୟନ, ହାଉସିଂ, ଷ୍ଟିଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ ଭଳି କ୍ଷେତ୍ରରେ ନିବେଶ ସୁଯୋଗ ଉପରେ ଆଲୋଚନା ହୋଇଥିଲା ।

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରଙ୍କ ସ୍ପିଡ୍, ସର୍ଟେନିଟି ଆଣ୍ଡ ଏକଜିକ୍ୟୁସନ ନୀତି ଉପରେ ଗୁରୁତ୍ୱ ଦେଇ ନିବେଶକମାନଙ୍କୁ ପ୍ରକଳ୍ପର ପ୍ରତ୍ୟେକ ପର୍ଯ୍ୟାୟରେ ସରକାରୀ ସହଯୋଗର ଆଶ୍ୱାସନ ଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ଭାରତୀୟ କୂଟନୈତିକ ପ୍ରତିନିଧି ଓ ୟୁଏଇର ପ୍ରମୁଖ ଶିଳ୍ପପତିମାନେ ଉପସ୍ଥିତ ଥିଲେ । ଦୁବାଇ ରୋଡ୍ ସୋ ଓଡ଼ିଶା-ୟୁଏଇ ଆର୍ଥିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ରାଜ୍ୟରେ ପୁଞ୍ଜି, ପ୍ରଯୁକ୍ତି, ଶିଳ୍ପ ଓ ନିଯୁକ୍ତି ସୃଷ୍ଟି ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି।

ବ୍ୟୁରୋ ଅଫ୍ ମିଡିଲ ଇଷ୍ଟ ରିସାଇକ୍ଲିଂ (ବିଏମଆର) *(ପୃଷ୍ଠା ୭ରେ)*

## ମୋଦୀ-ପୁଟିନ ବୈଠକ

# ଦ୍ୱିପାକ୍ଷିକ ସମ୍ପର୍କ ସହ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ଆଲୋଚନା

**ନୂଆଦିଲ୍ଲୀ, ୧୧।୯**

ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ପାଇଁ ତିନିଦିନିଆ ଭାରତ ଗସ୍ତରେ ଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଶୁକ୍ରବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଦ୍ୱିପାକ୍ଷିକ ବୈଠକରେ ଭାରତ-ରୁଷ ସମ୍ପର୍କର ବିଭିନ୍ନ ଦିଗ ସହ ପ୍ରମୁଖ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଛି ।




ବୈଠକ ପୂର୍ବରୁ ମୋଦୀ ଓ ପୁଟିନ ପରସ୍ପରକୁ ଆଲିଙ୍ଗନ କରିଥିଲେ । ଚଳିତ ବର୍ଷ ଏହା ଦୁଇ ନେତାଙ୍କ ଦ୍ୱିତୀୟ ସାକ୍ଷାତ । ଏହା ପୂର୍ବରୁ ଅଗଷ୍ଟ ୩୧ରେ ବିଶକେକରେ ଅନୁଷ୍ଠିତ ୨୬ତମ ଏସସିଓ ଶିଖର ସମ୍ମିଳନୀ ଅବସରରେ ଉଭୟ ନେତା ସାକ୍ଷାତ କରିଥିଲେ ।ଦ୍ୱିପାକ୍ଷିକ ବୈଠକରେ ପ୍ରତିରକ୍ଷା ସହଯୋଗ ଏକ ପ୍ରମୁଖ ପ୍ରସଙ୍ଗ ରହିଥିବା ଜଣାପଡ଼ିଛି । ଚାଲୁଥିବା ପ୍ରତିରକ୍ଷା ପ୍ରକଳ୍ପ ସହ ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ବଢ଼ାଇବା ନେଇ ଦୁଇ ନେତା ଆଲୋଚନା କରିଥିବା ଆଶା କରାଯାଉଛି । ଏହା ସହ ରାଜନୈତିକ, ଅର୍ଥନୈତିକ, ଶକ୍ତି, ମହାକାଶ, ଦକ୍ଷତା ଗତିଶୀଳତା ଏବଂ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତି ନେଇ ମଧ୍ୟ ସମୀକ୍ଷା କରାଯାଇଛି ।

ମୋଦୀ ଓ ପୁଟିନ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ମଧ୍ୟ ଆଲୋଚନା କରିଛନ୍ତି । ଏହି ସଂଘର୍ଷ ସାମୁଦ୍ରିକ ବାଣିଜ୍ୟ ଓ ଭାରତୀୟ ନାବିକଙ୍କ ସୁରକ୍ଷାକୁ ପ୍ରଭାବିତ କରୁଥିବା ପ୍ରସଙ୍ଗ ବୈଠକରେ ଉଠିଛି । ସଂଘର୍ଷର ସମାଧାନ ପାଇଁ ଆଲୋଚନା ଓ କୂଟନୀତି ହିଁ ଏକମାତ୍ର ଉପାୟ ବୋଲି ମୋଦୀ ପୁନର୍ବାର ନିଜ ମତ ରଖିଛନ୍ତି ।

୨୦୨୬ରେ ବ୍ରିକ୍ସର ଅଧ୍ୟକ୍ଷତା କରୁଛି ଭାରତ । ସେପ୍ଟେମ୍ବର ୧୨ ଓ ୧୩ରେ ନୂଆଦିଲ୍ଲୀରେ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ବ୍ରିକ୍ସ ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ନେତାଙ୍କ ସହ ଆମନ୍ତ୍ରିତ ପ୍ରତିନିଧି ମାନେ *(ପୃଷ୍ଠା ୭ରେ)*

## ୮ ବିଧାୟକଙ୍କ ସଦସ୍ୟତା ରଦ୍ଦ ପ୍ରସଙ୍ଗ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା ବିଜେଡ଼ି

**କଟକ, ୧୧।୯ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସଭା ନିର୍ବାଚନରେ ହୋଇଥିବା କ୍ରସ୍ ଭୋଟିଂ ମାମଲା ନେଇ ବିଜୁ ଜନତା ଦଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । ବାଚସ୍ପତିଙ୍କୁ ପକ୍ଷଭୁକ୍ତ କରି ରିଟ୍ ପିଟିସନ ଦାଖଲ କରିଛି ବିଜେଡି । ରାଜ୍ୟସଭା ନିର୍ବାଚନରେ ଦଳୀୟ ନିଷ୍ପତ୍ତି ବିରୋଧରେ ୮ ସଦସ୍ୟ ଭୋଟ୍ ଦେଇଥିଲେ । ଦଳୀୟ ନିଷ୍ପତ୍ତି ବିରୋଧରେ ଭୋଟ୍ *(ପୃଷ୍ଠା ୭ରେ)*

# ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ଖୁବଶୀଘ୍ର ଆକ୍ସନ ନିଆଯିବ

**ଭୁବନେଶ୍ୱର, ୧୧।୯**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଓରାଙ୍ଗଉଟାନ ଉଦ୍ଧାର ଘଟଣାକୁ ନେଇ ତଦନ୍ତ ଜୋରଦାର ହୋଇଛି । ଘଟଣାରେ ବିଧିବଦ୍ଧ ମାମଲା ରୁଜୁ କରିବାକୁ ଡିଜିପି ବିନୟତୋଷ ମିଶ୍ର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)କୁ ନିର୍ଦ୍ଦେଶ ଦେଇଛନ୍ତି । ଓରାଙ୍ଗଉଟାନକୁ କେଉଁ ରୁଟ୍ ଦେଇ ଓଡ଼ିଶାକୁ ଅଣାଯାଇଥିଲା, ଏହା



ପଛରେ କିଏ ରହିଛି ଏବଂ ତାହାକୁ ଆଣିବାର ଉଦ୍ଦେଶ୍ୟ କଣ ଥିଲା, ସେନେଇ ଏସ୍‌ଟିଏଫ୍ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି । ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ଦିଗରେ ମଧ୍ୟ ତଦନ୍ତ ଚାଲିଛି ।

ଡିଜିପି କହିଛନ୍ତି, ଏସ୍‌ଟିଏଫର ତଦନ୍ତ ପରେ ଘଟଣାର ସମସ୍ତ ଦିଗ ସ୍ପଷ୍ଟ ହେବ । ଖୁବଶୀଘ୍ର ଆକ୍ସନ ନିଆଯିବ । ଆସନ୍ତା ୭ରୁ ୮ ଦିନ ମଧ୍ୟରେ ମାମଲାର *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ବାରିପଦାରେ ଅଟକ ୨ ଅଡିଟ୍ ଅଫିର୍ସଙ୍କ ନିକଟରୁ ୧୪ ଲକ୍ଷ ଟଙ୍କା ଜବତ ।
- ରାଜଧାନୀରେ କଦଳୀ ଗୋଦାମ ଉପରେ ଚଢଉ ।
- ସୁସ୍ଥ ଅଛନ୍ତି ୫ ଓରାଙ୍ଗଉଟାନ ।
- ଦିଲ୍ଲୀ ହାଇକୋର୍ଟ ପାଇଁ ୮ ଜଣ ନୂଆ ବିଚାରପତି, ସୁପ୍ରିମକୋର୍ଟ କଲେଜିୟମ କଲା ସୁପାରିସ ।
- ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗଦେବାକୁ ଦିଲ୍ଲୀରେ ପହଞ୍ଚିଲେ ଇରାନ ରାଷ୍ଟ୍ରପତି ପେଜେସ୍କିଆନ୍ ।
- ୫୫ଟି ଅପରାଧିକ ମାମଲାରେ କୁଖ୍ୟାତ ଅପରାଧୀକୁ ଗିରଫ କଲା ଦିଲ୍ଲୀ ଆରପିଏଫ୍ ।

# ଟ୍ରକ-ବୋଲେରୋ ଧକ୍କା : ୯ ମୃତ

**ମୁମ୍ବାଇ, ୧୧।୯**

ଶୁକ୍ରବାର ସକାଳେ ମହାରାଷ୍ଟ୍ରର ଭଣ୍ଡାରା ଜିଲ୍ଲାର ଲଖାନି ତହସିଲର ପିମ୍ପଲଗାଓଁ ନିକଟରେ ନାଗପୁର-ରାୟପୁର ରାଜପଥରେ ଏକ ଟ୍ରକ ଏବଂ ବୋଲେରୋ ମଧ୍ୟରେ ଧକ୍କା ହେବା ଫଳରେ ନଅ ଜଣଙ୍କର ମୃତ୍ୟୁ ଏବଂ ନଅ ଜଣ ଆହତ ହୋଇଛନ୍ତି । ହାଇୱେ ପୋଲିସ ଅନୁଯାୟୀ, ଆହତମାନଙ୍କୁ ଭଣ୍ଡାରାର ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ନିଆଯାଇଥିଲା । ପରେ ଗୁରୁତର ଆହତମାନଙ୍କୁ ନାଗପୁରକୁ ସ୍ଥାନାନ୍ତର କରାଯାଇଥିଲା । ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ ଛତିଶଗଡ଼ର କିଛି ମହିଳା ଏବଂ ଅନ୍ୟ ଶ୍ରମିକ ଏକ ବୋଲେରୋରେ ନାଗପୁର ଯାଉଥିଲେ । ଲାଖାନି ନିକଟ ପିମ୍ପଲଗାଓଁ ଅଞ୍ଚଳରେ ଏକ ପେଟ୍ରୋଲ ପମ୍ପ ଏବଂ ଭୌଚା ଢାବା ନିକଟରେ ହାଇୱେ ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ *(ପୃଷ୍ଠା ୭ରେ)*

## ପ୍ରଧାନମନ୍ତ୍ରୀଙ୍କ ଶୋକ ଓ ସହାୟତା ଘୋଷଣା

**ନୂଆଦିଲ୍ଲୀ, ୧୧।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ମହାରାଷ୍ଟ୍ରର ନାନ୍ଦେଡ଼ରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ *(ପୃଷ୍ଠା ୭ରେ)*

# ରାଜସ୍ୱ ପର୍ଷଦର ନୂତନ ୱେବସାଇଟ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୧୧।୯**
**ନ୍ୟୁଜ୍ ବ୍ୟୁରୋ**

ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ, ସୁଗମ, ସୁସଂଗଠିତ ଓ ନାଗରିକମୁଖୀ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ଶୁକ୍ରବାର ରାଜସ୍ୱ ପର୍ଷଦ, ଓଡ଼ିଶାର ନୂତନ ୱେବସାଇଟ୍ ଏବଂ ତ୍ରୈମାସିକ ଜର୍ଣ୍ଣାଲର ଶୁଭାରମ୍ଭ କରାଯାଇଛି । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ନୂତନ ୱେବସାଇଟ୍ ଓ ଜର୍ଣ୍ଣାଲର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ରାଜସ୍ୱ ପର୍ଷଦର ସଦସ୍ୟ ସତ୍ୟବ୍ରତ ସାହୁ, ରାଜସ୍ୱ ପର୍ଷଦର ସଚିବ ଲକ୍ଷ୍ମୀକାନ୍ତ ସେଠୀ ତଥା ରାଜସ୍ୱ ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଏହି ଅବସରରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ, ଏହି ଦୁଇଟି ପଦକ୍ଷେପ କେବଳ ଏକ ନୂତନ ୱେବସାଇଟ୍ କିମ୍ବା ଏକ ନୂତନ ପ୍ରକାଶନର ଆରମ୍ଭ ନୁହେଁ ବରଂ ରାଜସ୍ୱ ପ୍ରଶାସନରେ ପ୍ରଯୁକ୍ତି, ସୂଚନା ଓ ନ୍ୟାୟିକ ଜ୍ଞାନକୁ ଅଧିକ ବ୍ୟାପକ ଭାବେ ଉପଲବ୍ଧ କରାଇବାର ଏକ ନୂତନ ଅଧ୍ୟାୟ । ରାଜସ୍ୱ ପର୍ଷଦ, ଓଡ଼ିଶାର ଏକ ଦୀର୍ଘ ଓ ଗୌରବମୟ ପ୍ରଶାସନିକ ଐତିହ୍ୟ ରହିଛି । ରାଜ୍ୟର ରାଜସ୍ୱ ପ୍ରଶାସନର ବିକାଶ ସହିତ ଏହି ପ୍ରତିଷ୍ଠାନର ଭୂମିକା ଗଭୀର ଭାବେ ଜଡ଼ିତ । ଜମି, ଭୂ-ଅଭିଲେଖ, ଅଧିକାର, ରାଜସ୍ୱ ଆଇନ ଓ ଜମିଜମା ସମ୍ବନ୍ଧୀୟ ବିବାଦର ସମାଧାନ କ୍ଷେତ୍ରରେ ରାଜସ୍ୱ ପର୍ଷଦ ଏକ ଗୁରୁତ୍ୱପୂର୍ଣ୍ଣ ଶୀର୍ଷ ପ୍ରତିଷ୍ଠାନ ଭାବେ ନିଜର ଦାୟିତ୍ୱ ନିର୍ବାହ କରି ଆସିଛି । ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ରାଜସ୍ୱ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବା ଦିଗରେ ତଥା ଜମିଜମା ସମ୍ବନ୍ଧୀୟ ମାମଲା ଗୁଡ଼ିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ପର୍ଷଦଙ୍କ ଆବଶ୍ୟକ ଭିତ୍ତିଭୂମି ସୁଦୃଢ଼ୀକରଣ ଏବଂ ପର୍ଯ୍ୟାପ୍ତ ମାନବସମ୍ବଳ ବ୍ୟବସ୍ଥା ନିମନ୍ତେ ରାଜସ୍ୱ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

ଏଥିସହିତ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜସ୍ୱ ମାମଲାର ତ୍ୱରିତ ବିଚାର ଏବଂ ଫଇସଲା ନିମନ୍ତେ ରାଜସ୍ୱ ପର୍ଷଦଙ୍କ ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ । ରାଜସ୍ୱ ପ୍ରଶାସନକୁ କ୍ରିୟାଶୀଳ କରିବା ଦିଗରେ ରାଜସ୍ୱ ପର୍ଷଦର ବିଭିନ୍ନ ଆବଶ୍ୟକତା ପୂରଣ କରିବା ଦିଗରେ ଗୁରୁତ୍ୱାରୋପ କରିବା ସହ ନିକଟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତିର ସୁରକ୍ଷା ଏବଂ ପୁନରୁଦ୍ଧାର ଦିଗରେ ରାଜସ୍ୱ ପର୍ଷଦଙ୍କ ତ୍ୱରିତ, ନିରପେକ୍ଷ ଏବଂ ସକରାତ୍ମକ ନିଷ୍ପତ୍ତି ନିମନ୍ତେ ସାଧୁବାଦ ଜଣାଇଥିଲେ । ସେହିପରି ନୂତନ ପ୍ରକାଶିତ ଜର୍ଣ୍ଣାଲ୍ ରାଜସ୍ୱ ବିଭାଗର ବିଭିନ୍ନସ୍ତରରେ ଅଧିକାରୀଗଣ ନିୟମିତ ଅଧ୍ୟୟନ କରିବା ଦିଗରେ ଗୁରୁତ୍ୱାରୋପ କରି ଏହି ଜର୍ଣ୍ଣାଲର ମାର୍ଗଦର୍ଶନରେ ରାଜସ୍ୱ ପ୍ରଶାସନିକ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ । ସେହିପରି ସଦସ୍ୟ, ରାଜସ୍ୱ ପର୍ଷଦ ସତ୍ୟବ୍ରତ ସାହୁ କହିଥିଲେ ଯେ, ରାଜସ୍ୱ ପର୍ଷଦର ପ୍ରଶାସନିକ ଐତିହ୍ୟ ସହିତ ଆଧୁନିକ ପ୍ରଯୁକ୍ତିର ସମନ୍ୱୟର ଏକ ନୂତନ ଆରମ୍ଭର ଫଳପ୍ରସୂ ପରିଣାମ ଆଜିର ନୂତନ ୱେବସାଇଟର ଶୁଭାରମ୍ଭ । ନୂତନ ୱେବସାଇଟ୍ ମାଧ୍ୟମରେ ରାଜସ୍ୱ ପର୍ଷଦର ବିଭିନ୍ନ କାର୍ଯ୍ୟକଳାପ, ଶାଖା ଓ ବିଭାଗ ସମ୍ପର୍କରେ ଆବଶ୍ୟକ ସୂଚନାକୁ ଏକ ସୁସଂଗଠିତ ଡିଜିଟାଲ୍ ମଞ୍ଚରେ ଉପଲବ୍ଧ କରାଯାଇଛି । ଏହା ସହିତ ଭୂ-ସଂସ୍କାର ଆୟୁକ୍ତ, ଭୂ-ଅଭିଲେଖ ଓ *(ପୃଷ୍ଠା ୭ରେ)*




# ପାଞ୍ଚ ଦିନିଆ ବ୍ୟାଙ୍କ ଧର୍ମଘଟ

**କଟକ, ୧୧।୯ : ନ୍ୟୁଜ୍ ବ୍ୟୁରୋ**

ପାଞ୍ଚ ଦିନିଆ ବ୍ୟାଙ୍କିଂ ବ୍ୟବସ୍ଥା ପ୍ରଚଳନ, କାର୍ଯ୍ୟଦକ୍ଷତା ଆଧାରିତ ପ୍ରୋତ୍ସାହନ ବ୍ୟବସ୍ଥାରେ ସମାନତା ଓ ନ୍ୟାୟ ସଂହିତା ସମେତ ୪ ଦଫା ଦାବି ନେଇ ୟୁନାଇଟେଡ୍ ବ୍ୟାଙ୍କିଂ କର୍ମଚାରୀ ୟୁନିୟନ ଏବଂ ଇଣ୍ଡିଆନ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀ ସଂଘର ମିଳିତ ଆହ୍ୱାନରେ ଶୁକ୍ରବାରଠାରୁ ଧର୍ମଘଟ ଆରମ୍ଭ ହୋଇଛି । ଏହି ଧର୍ମଘଟ ଫଳରେ ଲକ୍ଷ ଲକ୍ଷ ଗ୍ରାହକ ପ୍ରଭାବିତ ହୋଇଛନ୍ତି । ରାଜଧାନୀ ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ବିଭିନ୍ନ ଶାଖାର ଅଧିକାରୀ ଓ କର୍ମଚାରୀ ମାନେ ଏହି ଧର୍ମଘଟରେ ସାମିଲ ହୋଇ ନିଜର ନ୍ୟାୟସଙ୍ଗତ ଦାବି ପ୍ରତି ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷ ଏବଂ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧି, ଋଣ ବଣ୍ଟନ, ଜମା ସଂଗ୍ରହ, ଗ୍ରାହକସେବା, ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସଫଳତା ପଛରେ ଅଧିକାରୀ ଓ କର୍ମଚାରୀଙ୍କ ସାମୂହିକ ଅବଦାନ ରହିଛି । ଶାଖାସ୍ତରରେ କାର୍ଯ୍ୟରତ *(ପୃଷ୍ଠା ୭ରେ)*

## ଏସ୍‌ବିଆଇ ସହ ଓଡ଼ିଶା ପୋଲିସର ଏମ୍‌ଓୟୁ ସ୍ୱାକ୍ଷର

**ଭୁବନେଶ୍ୱର, ୧୧।୯**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ (ଓଏସ୍‌ଏସ୍‌ଏଫ୍) ଯବାନମାନଙ୍କୁ ଅତିରିକ୍ତ ସୁବିଧା ଓ ସୁରକ୍ଷା ଯୋଗାଇଦେବା ପାଇଁ ଓଡ଼ିଶା ପୋଲିସର ଅପରେସନ୍ସ ୱିଙ୍ଗ୍ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି । ଭୁବନେଶ୍ୱରସ୍ଥିତ ଅପରେସନ୍ସ ମୁଖ୍ୟାଳୟରେ ଏହି ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିଲା ।

କାର୍ଯ୍ୟକ୍ରମରେ ନକ୍ସଲ ବିରୋଧୀ ଅଭିଯାନର ଡିଜିପି ସଞ୍ଜୀବ *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୪୪୨ (-୧୦୯)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୧୫୫ (-୧୦୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୮୨ (-୮୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୫ (-୧୦)

## ଏକାଳ ପଖାଳ



ଜଙ୍ଗଲ ଜମି କମି କମି ଯାଏ
ହନ୍ତସନ୍ତ ପକ୍ଷୀ ପଶୁ
ବିକାଶ ଯାନରେ ସବାର ଜନ୍ତୁଙ୍କୁ
ଏଇ ଦୃଶ୍ୟଟିକେ ଦିଶୁ
ସ୍ୱାର୍ଥସିଦ୍ଧେ ହସୁ ହସୁ
ପ୍ରକୃତି ବିନାଶ ନିମନ୍ତ୍ରଣ କରି
ମଣିଷ ମାଟିରେ ମିଶୁ ।

# ଆମେରିକାର ଜାହାଜ ଉପରେ ଇରାନର ଆକ୍ରମଣ ନେଇ ଜାତିସଂଘ ଚିନ୍ତିତ



**ତେହେରାନ/ୱାଶିଂଟନ, ୧୧।୯**

ଇରାନର ଇସଲାମିକ୍ ରିଭୋଲ୍ୟୁସନ୍ ଗାର୍ଡସ୍ କର୍ପ୍ସ (ଆଇ. ଆର. ଜି. ସି.) କହିଛି ଯେ ହରମୁଜ୍ ଜଳପ୍ରବାହରେ ଆମେରିକାର ଏକ ‘ସେଲଡ୍ରୋନ୍-ଟାଇପ୍’ ମାନବବିହୀନ ଜାହାଜ ଉପରେ ଏହାର ନୌସେନାର ଆକ୍ରମଣ ଏହାର ଉଦ୍ଦେଶ୍ୟକୁ ବିଫଳ କରିଛି । ଇତି ମଧ୍ୟରେ ଇରାନର ଦୃଢ଼ ସମର୍ଥକ ୟେମେନର ହୁତି ବିଦ୍ରୋହୀମାନେ ଲୋହିତ ସାଗରର ପ୍ରମୁଖ ସହର ମୋଚା ଦଖଲ କରିଛନ୍ତି । ହୁତିଙ୍କ ପଦକ୍ଷେପ ଦ୍ୱାରା ଚିନ୍ତିତ ହୋଇ ମିଳିତ ଜାତିସଂଘର ସୁରକ୍ଷା ପରିଷଦ ୟେମେନରେ ଏକ ବୈଠକ କରିଛି ।

ୟୁନାଇଟେଡ୍ କିଙ୍ଗଡମ୍ ମେରିଟାଇମ୍ ଟ୍ରେଡ୍ ଅପରେସନ୍ ସେଣ୍ଟର୍ କହିଛି ଯେ ଓମାନ ଉପକୂଳରେ ଦୁଇଟି ଜାହାଜ ପ୍ରୋଜେକ୍ଟାଇଲ୍ (କ୍ଷେପଣାସ୍ତ୍ର କିମ୍ବା ରକେଟ୍ ପରି ଅସ୍ତ୍ର) ଦ୍ୱାରା ଆଘାତ କରାଯାଇଥିବା ଖବର ପାଇଛି । ଇତି ମଧ୍ୟରେ ୟେମେନର ହୁତି ବିଦ୍ରୋହୀମାନେ ଲୋହିତ ସାଗରର ପ୍ରମୁଖ ସହର ମୋଚା ଦଖଲ କରିଛନ୍ତି । ଏହା ସହିତ, ହୁତିମାନେ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବାବ୍ ଅଲ୍-ମାଣ୍ଡେବ୍ ଷ୍ଟ୍ରେଟ୍ ଉପରେ ସେମାନଙ୍କର ନିୟନ୍ତ୍ରଣ ବୃଦ୍ଧି କରିଛନ୍ତି, ଯାହା ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ମାର୍ଗ ।

ଏହି ଦଖଲକୁ ଦୃଷ୍ଟିରେ ରଖି ମିଳିତ ଜାତିସଂଘର ସୁରକ୍ଷା *(ପୃଷ୍ଠା ୭ରେ)*

ପୂଜା ପାଇଁ ପ୍ରସ୍ତୁତି



ସୋସିଆଲ ମିଡିଆ ସୌଜନ୍ୟରୁ

ସମ୍ବାଦ କଳିକା 32 YEARS
ସମ୍ପାଦକୀୟ

# ଆପଲ୍‌ର ନୂଆ ମଡେଲ

ଆସିଲା ଆପଲ୍‌ର ନୂଆ ମଡେଲ । ଆପଲ୍ ନିଜର ବହୁପ୍ରତୀକ୍ଷିତ ନ୍ୟୁ-ଜେନେରେସନ୍ ସିରିଜ୍ iPhone ୧୮ Pro, iPhone ୧୮ Pro Max ଏବଂ ନୂତନ ଫୋଲ୍ଡେବଲ୍ କନସେପ୍ଟ iPhone Duoକୁ ଭାରତୀୟ ବଜାରରେ ଲଞ୍ଚ କରିଛି । କମ୍ପାନୀ ପକ୍ଷରୁ ଏହି ସମସ୍ତ ନୂତନ ଆଇଫୋନରେ ଅତ୍ୟାଧୁନିକ A୨୦ Pro ଚିପ୍‌ସେଟ୍ ବ୍ୟବହାର କରାଯାଇଛି, ଯାହାକି ୨ଏନ୍‌ଏମ୍ ଟେକ୍ନୋଲୋଜି ଉପରେ ଆଧାରିତ। ତେବେ ଭାରତରେ ଏହି ସମସ୍ତ ମଡେଲଗୁଡ଼ିକର ଦାମ୍ ଏବଂ ବିକ୍ରି ତାରିଖ କ'ଣ ରହିଛି, ଆସନ୍ତୁ ଜାଣିବା। ଆପଲ୍‌ର ଏହି ନୂତନ ଫୋଲ୍ଡେବଲ୍ ଡିଜାଇନ୍ ଆଧାରିତ ଫୋନ୍ ଦୁଇଟି ଆକର୍ଷକ ରଙ୍ଗ ନାଇଟ୍ ସ୍କାଏ ଏବଂ ଷ୍ଟାର୍ ହ୍ୱାଇଟ୍ ରେ ଉପଲବ୍ଧ ହେବ । ୨୫୬ ଜିବି ୨,୯୯,୯୦୦, ୫୧୨ ଜିବି ୩,୨୪,୯୦୦, ୧ ଟିବି ୩,୭୪,୯୦୦, ୨ ଟିବି ୪,୪୯,୯୦୦ ଟଙ୍କା । ଏହାର ପ୍ରି-ଅର୍ଡର ଆସନ୍ତା ଅକ୍ଟୋବର ୧୬ ତାରିଖ ସନ୍ଧ୍ୟା ୫:୩୦ରୁ ଆରମ୍ଭ ହେବ ଏବଂ ଅକ୍ଟୋବର ୨୩ରୁ ଏହାର ବିକ୍ରି ଆରମ୍ଭ ହେବ । ଫୋନ୍ କ୍ରୟ କଲେ ବ୍ୟାଙ୍କ୍ ପକ୍ଷରୁ ୭,୦୦୦ ଟଙ୍କାର ଇନଷ୍ଟାଣ୍ଟ ଡିସକାଉଣ୍ଟ ମିଳିବ । ଏହି ପ୍ରିମିୟମ୍ ଫୋନ୍‌ଟି ଡିପ୍ ବ୍ଲାକ୍, ଗ୍ଲେସିୟର, ସିଲଭର୍ ଏବଂ ବରଗୁଣ୍ଡି ଭଳି ଚାରୋଟି ରଙ୍ଗରେ ମିଳିବ । ୨୫୬ ଜିବି ୧,୬୪,୯୦୦, ୫୧୨ ଜିବି ୧,୮୯,୯୦୦, ୧ ଟିବି ୨,୩୯,୯୦୦, ୨ ଟିବି ୩,୧୪,୯୦୦ ଟଙ୍କା । ଏହାର ପ୍ରି-ଅର୍ଡର ସେପ୍ଟେମ୍ବର ୧୨ ତାରିଖ ସନ୍ଧ୍ୟା ୫:୩୦ରୁ ଆରମ୍ଭ ହେବ ଏବଂ ସେପ୍ଟେମ୍ବର ୧୮ରୁ ବଜାରରେ ବିକ୍ରି ପାଇଁ ଉପଲବ୍ଧ ହେବ । ଏଥିରେ ମଧ୍ୟ ୭,୦୦୦ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ୍ ଡିସକାଉଣ୍ଟ ରହିଛି । ବଡ଼ ସ୍କ୍ରିନ୍ ଏବଂ ସର୍ବୋତ୍ତମ ବ୍ୟାଟେରୀ ବ୍ୟାକଅପ୍ ପସନ୍ଦ କରୁଥିବା ଗ୍ରାହକଙ୍କ ପାଇଁ ଏହା ଆସିଛି । ଏହା ମଧ୍ୟ ସେହି ଚାରୋଟି ରଙ୍ଗ ଯେପରିକି ଡିପ୍ ବ୍ଲାକ୍, ଗ୍ଲେସିୟର, ସିଲଭର୍ ଓ ବରଗଣ୍ଡିରେ ମିଳିବ । ୨୫୬ ଜିବି ୧,୭୯,୯୦୦, ୫୧୨ ଜିବି ୨,୦୪,୯୦୦, ୧ ଟିବି ୨,୫୪,୯୦୦, ୨ ଟିବି ୩,୨୯,୯୦୦ ଟଙ୍କା ରହିଛି । Pro ମଡେଲ୍ ପରି ଏହାର ପ୍ରି-ଅର୍ଡର ସେପ୍ଟେମ୍ବର ୧୨ ସନ୍ଧ୍ୟା ୫:୩୦ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୮ରୁ ବିକ୍ରି ଆରମ୍ଭ ହେବ । ଏଥିରେ ମଧ୍ୟ ୭,୦୦୦ ଟଙ୍କା ପର୍ଯ୍ୟନ୍ତ ଇନଷ୍ଟାଣ୍ଟ ବ୍ୟାଙ୍କ୍ ଛାଡ଼ ପ୍ରଦାନ କରାଯାଉଛି ।

# ନୀଳାଚଳ ସାରସ୍ୱତ ସଂଘର ବୈଶିଷ୍ଟ୍ୟ ଆଧ୍ୟାତ୍ମିକତା, ସତଶିକ୍ଷା, ସଂଘଶକ୍ତି ଓ ଜୀବସେବାର ଏକ ଅନନ୍ୟ ପରମ୍ପରା



ଓମ୍ ପ୍ରକାଶ ନାୟକ
ମୋ-୯୯୧୨୭୫୪୨୩୧

ଓଡ଼ିଶାର ଆଧ୍ୟାତ୍ମିକ, ସାଂସ୍କୃତିକ, ନୈତିକ ଓ ସାମାଜିକ ଜୀବନଧାରାରେ ନୀଳାଚଳ ସାରସ୍ୱତ ସଂଘ ଏକ ଅନନ୍ୟ, ଗୌରବମୟ ଓ ଶ୍ରଦ୍ଧାସ୍ପଦ ସ୍ଥାନ ଅଧିକାର କରିଛି। ପବିତ୍ର ନୀଳାଚଳ ଧାମ ପୁରୀର ଦିବ୍ୟ ପରିବେଶରେ ଜନ୍ମଲାଭ କରିଥିବା ଏହି ସଂଘ କେବଳ ଏକ ଧାର୍ମିକ ସଂଗଠନ ନୁହେଁ; ଏହା ଏକ ଜୀବନଦର୍ଶନ, ଏକ ମୂଲ୍ୟବୋଧର ଆନ୍ଦୋଳନ ଓ ଏକ ବିଶାଳ ଆଧ୍ୟାତ୍ମିକ ପରିବାର। ପରମହଂସ ପରିବ୍ରାଜକାଚାର୍ଯ୍ୟ ସଦ୍‌ଗୁରୁ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଦିବ୍ୟ ଜୀବନାଦର୍ଶ, ଆଧ୍ୟାତ୍ମିକ ସାଧନା, ଜ୍ଞାନାନ୍ୱେଷଣ, ଭକ୍ତି, ନୈତିକ ଜୀବନବୋଧ ଓ "ଶିବଜ୍ଞାନେ ଜୀବସେବା"ର ମହାନ ଆଦର୍ଶକୁ ଆଧାର କରି ଏହି ସଂଘର ଅଭ୍ୟୁଦୟ ଘଟିଥିଲା। ଦୀର୍ଘ ନଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଏହି ପରମ୍ପରା ଅନେକ ସାଧକ, ଗୃହସ୍ଥ ଭକ୍ତ, ଯୁବକ-ଯୁବତୀ ଓ ସେବାପ୍ରାଣ ମଣିଷଙ୍କୁ ଆଧ୍ୟାତ୍ମିକ ଓ ନୈତିକ ଜୀବନର ପଥରେ ପ୍ରେରିତ କରିଆସିଛି। ପ୍ରତିଷ୍ଠାର ଐତିହାସିକ ପୃଷ୍ଠଭୂମି ୧୯୩୪ ମସିହା ଅଗଷ୍ଟ ୨୪ ତାରିଖ, ପବିତ୍ର ପୂର୍ଣ୍ଣିମା ତିଥିରେ, ପୁରୀଧାମସ୍ଥିତ ନୀଳାଚଳ କୁଟୀରରେ ନୀଳାଚଳ ସାରସ୍ୱତ ସଂଘର ପ୍ରତିଷ୍ଠା ହୋଇଥିଲା। ସ୍ୱାମୀ ନିଗମାନନ୍ଦଙ୍କ ଜୀବନ ଓ ସାଧନାର ଅନ୍ତିମ ପର୍ଯ୍ୟାୟରେ ଏହି ସଂଘର ଆବିର୍ଭାବ ଘଟିଥିବାରୁ ଏହା ଭକ୍ତସମାଜରେ ଏକ ବିଶେଷ ମହତ୍ତ୍ୱ ବହନ କରେ।

ସତ୍ୟ ଓ ଜ୍ଞାନର ସନ୍ଧାନରେ ନୀଳାଚଳ କୁଟୀରରେ ଏକତ୍ରିତ ହେଉଥିବା ଭକ୍ତମାନେ ୧୯୩୪ ମସିହା ଅଗଷ୍ଟ ୨୪ ତାରିଖରେ ସ୍ୱାମୀ ନିଗମାନନ୍ଦଙ୍କ ଜନ୍ମଦିବସ ପାଳନ ପାଇଁ ତାଙ୍କ ଅନୁମତି ଲୋଡ଼ିଥିଲେ। ଭକ୍ତମାନଙ୍କର ଏହି ଗଭୀର ଆଗ୍ରହ, ଭକ୍ତି ଓ ଆନ୍ତରିକତା ଏକ ନୂତନ ସଂଗଠନର ଆବଶ୍ୟକତାକୁ ସ୍ପଷ୍ଟ କରିଥିଲା।

ଏହି ପ୍ରସଙ୍ଗରେ ସ୍ୱାମୀ ନିଗମାନନ୍ଦଙ୍କ ମୁଖନିଃସୃତ ବଙ୍ଗଳା ଶବ୍ଦବନ୍ଧ "ସାରା ପେୟେଛେ" ବିଶେଷ ଭାବେ ଉଲ୍ଲେଖ କରାଯାଏ। ଭକ୍ତମାନଙ୍କର ଆନ୍ତରିକତା ଅନୁଭବ କରି ସେ ସର୍ବଶକ୍ତିମାନଙ୍କଠାରୁ "ନୀଳାଚଳ ସାରସ୍ୱତ ସଂଘ" ନାମରେ ଏକ ସଂଘ ପ୍ରତିଷ୍ଠା କରିବା ପାଇଁ ଦୈବୀ ନିର୍ଦ୍ଦେଶ ପାଇଥିବା କଥା ପ୍ରକାଶ କରିଥିଲେ। ଏହିପରି ଏକ ଆଧ୍ୟାତ୍ମିକ ଅନୁପ୍ରେରଣାର ପରିବେଶରେ ସଂଘର ଶୁଭାରମ୍ଭ ଘଟିଥିଲା।

ପୁରୀର ବିଶିଷ୍ଟ ଆଇନଜୀବୀ, ସମାଜସେବୀ ଓ ସମ୍ମାନନୀୟ ବ୍ୟକ୍ତିତ୍ୱ ବନମାଳୀ ଦାଶ ସଂଘର ପ୍ରଥମ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦୁର୍ଗାଚରଣ ମହାନ୍ତି ସଂଘର ସଚିବ ଓ ପରିଚାଳକ ଭାବେ ଦାୟିତ୍ୱ ନେଇଥିଲେ।

ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ : ପ୍ରତିଷ୍ଠାତା ଓ ତାଙ୍କ ଆଧ୍ୟାତ୍ମିକ ଦର୍ଶନ

ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ଥିଲେ ଜଣେ ମହାନ ସାଧକ, ଦାର୍ଶନିକ, ଆଧ୍ୟାତ୍ମିକ ଗୁରୁ ଓ ଜୀବନଦର୍ଶନର ଅନୁସନ୍ଧାନୀ। ତାଙ୍କର ଜୀବନସାଧନାର ମୂଳ ଲକ୍ଷ୍ୟ ଥିଲା ଆତ୍ମସାକ୍ଷାତ୍କାର ଓ ପରମ ସତ୍ୟର ଉପଲବ୍ଧି। ସେ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ବିଭିନ୍ନ ସାଧନାପଥକୁ ପରସ୍ପର ବିରୋଧୀ ଭାବେ ନଦେଖି ଏକ ସୁସମନ୍ୱିତ ଧାରା ଭାବରେ ଦେଖିଥିଲେ। ଜ୍ଞାନ, ଭକ୍ତି, ଯୋଗ ଓ କର୍ମ—ଏହି ସମସ୍ତ ପଥର ସମନ୍ୱୟ ମାଧ୍ୟମରେ ମଣିଷ ନିଜ ଅନ୍ତରାତ୍ମାକୁ ଜାଗ୍ରତ କରି ପରମ ସତ୍ୟର ଉପଲବ୍ଧି ଦିଗରେ ଅଗ୍ରସର ହୋଇପାରେ ବୋଲି ସେ ଶିକ୍ଷା ଦେଇଥିଲେ। ତାଙ୍କ ଦୃଷ୍ଟିରେ ଆଧ୍ୟାତ୍ମିକତା ଜୀବନରୁ ପଳାୟନ ନୁହେଁ; ଆଧ୍ୟାତ୍ମିକତା ହେଉଛି ଜୀବନକୁ ଅଧିକ ପବିତ୍ର, ଶୃଙ୍ଖଳିତ, ସଂଯମିତ, ସତ୍ୟନିଷ୍ଠ ଓ ପ୍ରେମମୟ କରିବାର ଏକ ଅନ୍ତର୍ମୁଖୀ ସାଧନା। ତାଙ୍କ ମତରେ ଗୃହସ୍ଥ ଜୀବନ ମଧ୍ୟ ଯଦି ସତ୍ୟ, ନୀତି, ନିଷ୍ଠା, ଦାୟିତ୍ୱ ଓ ଆତ୍ମସଂଯମର ଭିତ୍ତି ଉପରେ ପରିଚାଳିତ ହୁଏ, ତେବେ ତାହା ଏକ ଉତ୍କୃଷ୍ଟ ଆଧ୍ୟାତ୍ମିକ ସାଧନାକ୍ଷେତ୍ର ହୋଇପାରେ।

ଗୁରୁତତ୍ତ୍ୱ-ସ୍ୱାମୀ ନିଗମାନନ୍ଦ ଗୁରୁତତ୍ତ୍ୱକୁ ମଧ୍ୟ ଅତ୍ୟନ୍ତ ଗଭୀର ଭାବେ ବ୍ୟାଖ୍ୟା କରିଥିଲେ। ଜ୍ଞାନୀ ଗୁରୁ, ଯୋଗୀ ଗୁରୁ, ତାନ୍ତ୍ରିକ ଗୁରୁ ଓ ପ୍ରେମିକ ଗୁରୁଙ୍କ ସ୍ୱରୂପ ଓ ସାଧନାପଥର ବିଭିନ୍ନ ଦିଗକୁ ସେ ଉଦ୍‌ଘାଟିତ କରିଥିଲେ। ତାଙ୍କର ଆଧ୍ୟାତ୍ମିକ ଚିନ୍ତାଧାରା ଶେଷ ପର୍ଯ୍ୟନ୍ତ ବେଦାନ୍ତୀୟ ଜ୍ଞାନ ମାଧ୍ୟମରେ ପରମ ସତ୍ୟର ଉପଲବ୍ଧି ଦିଗକୁ ମଣିଷକୁ ଅଗ୍ରସର କରାଏ।

ସାହିତ୍ୟ ଓ ପ୍ରକାଶନ କ୍ଷେତ୍ରରେ ଅବଦାନ-ସ୍ୱାମୀ ନିଗମାନନ୍ଦ ଅନେକ ମୂଲ୍ୟବାନ ଆଧ୍ୟାତ୍ମିକ ଗ୍ରନ୍ଥ ରଚନା କରିଥିଲେ। ବ୍ରହ୍ମଚର୍ଯ୍ୟ ସାଧନା, ଯୋଗୀଗୁରୁ, ତାନ୍ତ୍ରିକଗୁରୁ, ଜ୍ଞାନୀଗୁରୁ, ପ୍ରେମିକଗୁରୁ ଓ ବେଦାନ୍ତ ବିବେକ ପ୍ରମୁଖ ଗ୍ରନ୍ଥ ତାଙ୍କ ଚିନ୍ତାଧାରାର ଗଭୀରତା ଓ ବ୍ୟାପକତାର ପରିଚୟ ଦେଇଥାଏ। ଆଧ୍ୟାତ୍ମିକ ଚେତନାର ପ୍ରସାର ପାଇଁ ସେ 'ଆର୍ଯ୍ୟଦର୍ପଣ' ନାମକ ମାସିକ ପତ୍ରିକାର ପ୍ରକାଶନ ୧୯୦୮ ମସିହାରେ ଆରମ୍ଭ କରିଥିଲେ। ଏହା ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହୋଇଆସୁଛି—ବିଜ୍ଞାପନ ଓ ପୃଷ୍ଠପୋଷକ ନିର୍ଭରତା ବିନା ଏହାର ପ୍ରକାଶନ ପରମ୍ପରା ଜାରି ରହିଛି।

ସାରସ୍ୱତ ମଠରୁ ନୀଳାଚଳ ସାରସ୍ୱତ ସଂଘ-ନୀଳାଚଳ ସାରସ୍ୱତ ସଂଘ ସ୍ୱାମୀ ନିଗମାନନ୍ଦଙ୍କ ପ୍ରଥମ ପ୍ରତିଷ୍ଠାନ ନଥିଲା। ଏହାର ପୂର୍ବରୁ ୧୯୧୧ ମସିହାରେ ଆସାମର ଜୋରହାଟ ଜିଲ୍ଲାର କୋକିଳାମୁଖରେ ସେ ସାରସ୍ୱତ ମଠ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ନୀଳାଚଳ ସାରସ୍ୱତ ସଂଘର ଉଦ୍ଭବ ମୁଖ୍ୟତଃ ଓଡ଼ିଶାର ଗୃହସ୍ଥ ଭକ୍ତମାନଙ୍କ ଆଧ୍ୟାତ୍ମିକ ଜୀବନକୁ ସୁସଂଗଠିତ କରିବାର ଏକ ମହତ୍ ପ୍ରୟାସ ଭାବେ ରୂପ ନେଇଥିଲା। ସଂଘର ମୌଳିକ ଆଦର୍ଶ ଓ ତିନି ପ୍ରମୁଖ ଲକ୍ଷ୍ୟ ସ୍ୱାମୀ ନିଗମାନନ୍ଦଙ୍କ ଆଦର୍ଶରେ ନୀଳାଚଳ ସାରସ୍ୱତ ସଂଘର କାର୍ଯ୍ୟଧାରା ମୁଖ୍ୟତଃ ତିନିଟି ମୌଳିକ ଲକ୍ଷ୍ୟକୁ କେନ୍ଦ୍ର କରି ଗଢ଼ିଉଠିଛି-

ସନାତନ ଧର୍ମର ପ୍ରଚାର: ଚିରନ୍ତନ ଧର୍ମ, ଆଧ୍ୟାତ୍ମିକ ଚେତନା ଓ ସାର୍ବଜନୀନ ମାନବୀୟ ମୂଲ୍ୟବୋଧର ପ୍ରସାର ହେଉଛି ସଂଘର ଏକ ପ୍ରମୁଖ ଲକ୍ଷ୍ୟ। ଧର୍ମକୁ କେବଳ ବାହ୍ୟ ଆଚାର-ଅନୁଷ୍ଠାନରେ ସୀମିତ ନରଖି ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସତ୍ୟ, ପବିତ୍ରତା, ସଂଯମ ଓ ପ୍ରେମର ପ୍ରୟୋଗ କରିବା ଏହାର ମୂଳ ଭାବନା।

ସତଶିକ୍ଷାର ବିସ୍ତାର: ସତଶିକ୍ଷା ହେଉଛି ଏପରି ଶିକ୍ଷା, ଯାହା ମଣିଷକୁ କେବଳ ଜ୍ଞାନୀ ନୁହେଁ, ବରଂ ଚରିତ୍ରବାନ୍, ଦାୟିତ୍ୱଶୀଳ, ନୈତିକ ଓ ମାନବୀୟ କରି ଗଢ଼ିଥାଏ। ଜୀବନକୁ ଆଲୋକିତ କରୁଥିବା ଏହି ମୂଲ୍ୟଭିତ୍ତିକ ଶିକ୍ଷାର ପ୍ରସାର ସଂଘର ଏକ ଅନନ୍ୟ ବୈଶିଷ୍ଟ୍ୟ।

ଶିବଜ୍ଞାନେ ଜୀବସେବା: ପ୍ରତ୍ୟେକ ଜୀବରେ ଈଶ୍ୱରୀୟ ସତ୍ତାର ଉପସ୍ଥିତି ଅନୁଭବ କରି ଜୀବସେବାକୁ ଈଶ୍ୱରସେବା ଭାବେ ଗ୍ରହଣ କରିବା ହେଉଛି ଏହି ଆଦର୍ଶର ମର୍ମ। ସେବା ଏଠାରେ କେବଳ ସାମାଜିକ କର୍ତ୍ତବ୍ୟ ନୁହେଁ; ଏହା ନିଜ ଆତ୍ମାର ପରିଶୋଧନା ଓ ଆଧ୍ୟାତ୍ମିକ ସାଧନାର ଏକ ମାଧ୍ୟମ।

ଆଦର୍ଶ ଗୃହସ୍ଥ ଜୀବନ, ସଂଘଶକ୍ତି ଓ ଭାବବିନିମୟ

ଏହି ତିନିଟି ମୌଳିକ ଆଦର୍ଶକୁ ଜୀବନରେ ରୂପାୟିତ କରିବା ପାଇଁ ସଂଘର ସାଧକ ଓ ଭକ୍ତମାନେ ଆଦର୍ଶ ଗୃହସ୍ଥ ଜୀବନ, ସଂଘଶକ୍ତି ଓ ଭାବବିନିମୟ ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି।

ଆଦର୍ଶ ଗୃହସ୍ଥ ଜୀବନ: ସତ୍ୟ, ନୀତି, ଦାୟିତ୍ୱ, ସଂଯମ ଓ ପରସ୍ପର ସମ୍ମାନର ଭିତ୍ତି ଉପରେ ପରିବାର ଗଠନ କରିବା। ଏକ ସୁସ୍ଥ ଓ ଆଦର୍ଶ ପରିବାର ହିଁ ଏକ ସୁସ୍ଥ ସମାଜର ମୂଳ ଭିତ୍ତି।

ସଂଘଶକ୍ତି: ଏକତା, ଶୃଙ୍ଖଳା ଓ ସାମୂହିକ ସାଧନା ମାଧ୍ୟମରେ ସଂଘକୁ ଶକ୍ତିଶାଳୀ କରିବା।

ଭାବବିନିମୟ: ଭକ୍ତମାନେ ପରସ୍ପରଙ୍କ ସହ ଆଧ୍ୟାତ୍ମିକ ଅନୁଭୂତି, ଚିନ୍ତା, ପ୍ରେରଣା ଓ ସାଧନାର ଅଭିଜ୍ଞତା ବାଣ୍ଟି ନିଅନ୍ତି।

ଭକ୍ତ ସମ୍ମିଳନୀ : ଆତ୍ମୀୟତା ଓ ଭାବବିନିମୟର ମହାମିଳନ

ଏହି ଆଦର୍ଶକୁ ଆଧାର କରି ସଂଘର ବିଭିନ୍ନ ଶାଖାରେ ପ୍ରତିବର୍ଷ ଭକ୍ତ ସମ୍ମିଳନୀ ଆୟୋଜିତ ହୋଇଥାଏ। ଏହା କେବଳ ଏକ ଧାର୍ମିକ ସମାବେଶ ନୁହେଁ; ଏହା ଭକ୍ତମାନଙ୍କ ମଧ୍ୟରେ ଆତ୍ମୀୟତା, ଭାବବିନିମୟ, ସାଧନା, ସେବାଭାବ ଓ ସଂଘଚେତନାକୁ ଅଧିକ ସୁଦୃଢ଼ କରିବାର ଏକ ମହତ୍ତ୍ୱପୂର୍ଣ୍ଣ ଅବସର। ଏପରି ସମାବେଶରେ ଭକ୍ତମାନେ ପରସ୍ପରଙ୍କ ନିକଟତର ହୁଅନ୍ତି, ନିଜ ଆଧ୍ୟାତ୍ମିକ ଅନୁଭୂତି ବାଣ୍ଟନ୍ତି ଏବଂ ସମୂହ ସାଧନା ମାଧ୍ୟମରେ ନିଜ ଅନ୍ତରକୁ ଅଧିକ ଉନ୍ନତ କରିବାର ପ୍ରେରଣା ପାଆନ୍ତି।

ଦୁର୍ଗାଚରଣ ମହାନ୍ତିଙ୍କ ଅବଦାନ

ସ୍ୱାମୀ ନିଗମାନନ୍ଦଙ୍କ ସହ ଦୁର୍ଗାଚରଣ ମହାନ୍ତିଙ୍କର ସମ୍ପର୍କ ଓ ସଂଘ ପ୍ରତି ତାଙ୍କର ଅବଦାନ ଅତ୍ୟନ୍ତ ସ୍ମରଣୀୟ।

ସ୍ୱାମୀ ନିଗମାନନ୍ଦ ତାଙ୍କୁ ଆଶ୍ୱାସନ ଦେଇଥିଲେ ଯେ ତାଙ୍କର ଶିଷ୍ୟମାନେ ନିଜ ନିଜ ସମୟରେ ଆସିବେ। ଏହି ଆଦର୍ଶକୁ ହୃଦୟରେ ଧାରଣ କରି ଦୁର୍ଗାଚରଣ ମହାନ୍ତି—ଭକ୍ତମାନଙ୍କର ପ୍ରିୟ 'ଭାଇ'—ଦୀର୍ଘକାଳ ଧରି ସଂଘର ନେତୃତ୍ୱ ଓ ସେବାରେ ନିଜକୁ ସମର୍ପିତ ରଖିଥିଲେ। ୧୯୮୫ ମସିହାରେ ତାଙ୍କର ଦେହାବସାନ ପର୍ଯ୍ୟନ୍ତ ସେ ସଂଘସେବାରେ ନିରନ୍ତର ନିୟୋଜିତ ରହିଥିଲେ।

୧୯୪୨ ମସିହାରେ ସେ ଓଡ଼ିଆ ଭାଷାରେ 'ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ' ପୁସ୍ତକ ରଚନା କରି ସ୍ୱାମୀ ନିଗମାନନ୍ଦଙ୍କ ଜୀବନ ଓ ଆଦର୍ଶକୁ ଓଡ଼ିଶାର ଜନମାନସରେ ପହଞ୍ଚାଇବାର ପ୍ରଶଂସନୀୟ ଉଦ୍ୟମ କରିଥିଲେ।

ସେ 'ସଂଘସେବକ' ନାମରେ ଏକ ତ୍ରୈମାସିକ ପତ୍ରିକାର ପ୍ରକାଶନ ପରମ୍ପରା ଆରମ୍ଭ କରିଥିଲେ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିଗମାନନ୍ଦ ଆଶ୍ରମ ଓ ଶାଖା ପ୍ରତିଷ୍ଠାରେ ଅଗ୍ରଣୀ ଭୂମିକା ନେଇଥିଲେ। ଆଜି ମଧ୍ୟ 'ସଂଘସେବକ' ସଂଘର ଏକ ପ୍ରମୁଖ ତ୍ରୈମାସିକ ପତ୍ରିକା ଭାବେ ପ୍ରକାଶିତ ହୋଇ ଭକ୍ତମାନଙ୍କୁ ସଂଘର ଆଦର୍ଶ, ଶିକ୍ଷା ଓ କାର୍ଯ୍ୟକଳାପ ସହ ଯୋଡ଼ି ରଖିଛି। ସଂଘର ପ୍ରକାଶନ ବିଭାଗ ମଧ୍ୟ ବିଭିନ୍ନ ଆଧ୍ୟାତ୍ମିକ ଗ୍ରନ୍ଥ ଓ ପୁସ୍ତକ ପ୍ରକାଶ କରି ସ୍ୱାମୀ ନିଗମାନନ୍ଦଙ୍କ ବାଣୀକୁ ଅଧିକରୁ ଅଧିକ ପାଠକଙ୍କ ନିକଟରେ ପହଞ୍ଚାଇଆସୁଛି।

ସଂଗଠନ ଓ ବିସ୍ତାର

ଦୀର୍ଘ ନଅ ଦଶନ୍ଧିର ଯାତ୍ରାରେ ସଂଘର ଶାଖା ବ୍ୟବସ୍ଥା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବ୍ୟାପକ ଭାବେ ବିସ୍ତାର ଲାଭ କରିଛି।

ଭାରତର ବିଭିନ୍ନ ପ୍ରମୁଖ ସହରରେ ମଧ୍ୟ ଏହାର ଶାଖା ଓ ଭକ୍ତମଣ୍ଡଳୀ ରହିଛନ୍ତି। ଦେଶର ସୀମା ଅତିକ୍ରମ କରି ଏହାର ଆଧ୍ୟାତ୍ମିକ ଚେତନା ବିଦେଶରେ ମଧ୍ୟ ପହଞ୍ଚିଛି। ୨୦୦୦ ମସିହାରେ ସନାତନ ଧର୍ମର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଆମେରିକା ସାରସ୍ୱତ ସଂଘ ଏହାର ଏକ ଉଲ୍ଲେଖନୀୟ ଉଦାହରଣ।

ନୀଳାଚଳ ସାରସ୍ୱତ ସଂଘର ବିଶେଷତ୍ୱ

ନୀଳାଚଳ ସାରସ୍ୱତ ସଂଘର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି—ଏହା ଆଧ୍ୟାତ୍ମିକତାକୁ କେବଳ ବାହ୍ୟ ଧାର୍ମିକ ଆଚାର- ଅନୁଷ୍ଠାନରେ ସୀମାବଦ୍ଧ ରଖେ ନାହିଁ। ଏହା ମଣିଷର ଅନ୍ତର୍ଶୁଦ୍ଧି, ଚରିତ୍ର ଗଠନ, ଆତ୍ମସଂଯମ, ସତ୍ୟନିଷ୍ଠା, ନମ୍ରତା, କରୁଣା, ପ୍ରେମ ଓ ଭକ୍ତିକୁ ଆଧ୍ୟାତ୍ମିକ ଜୀବନର ଅବିଚ୍ଛିନ୍ନ ଅଙ୍ଗ ଭାବେ ଗ୍ରହଣ କରେ।

ସ୍ୱାମୀ ନିଗମାନନ୍ଦଙ୍କ ପ୍ରଦତ୍ତ ଧ୍ୟାନ, ଜପ ଓ ପୁରଶ୍ଚରଣ ସାଧନାର ପରମ୍ପରା ଏହାର ଆଧ୍ୟାତ୍ମିକ ଜୀବନର ଏକ ବିଶେଷ ଅଂଶ। ଏହା ସହିତ ଓଡ଼ିଆ ଭକ୍ତିସାହିତ୍ୟ ଓ ଭଜନ ପରମ୍ପରାର ସଂରକ୍ଷଣ ଓ ପ୍ରସାରରେ ମଧ୍ୟ ସଂଘର ଭୂମିକା ଉଲ୍ଲେଖନୀୟ।

ସତଶିକ୍ଷା : ଚରିତ୍ର ଗଠନର ଏକ ଅନନ୍ୟ ପ୍ରୟାସ

ସଂଘର ସତଶିକ୍ଷା କାର୍ଯ୍ୟକ୍ରମ ଏହାର ଏକ ଅନନ୍ୟ ପରିଚୟ। ନୂତନ ଭକ୍ତମାନଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ, କର୍ମକର୍ତ୍ତାମାନଙ୍କ ପାଇଁ ବିଶେଷ କାର୍ଯ୍ୟକ୍ରମ, କିଶୋର ଆଲୋଚନାଚକ୍ର, ସେବକମାନଙ୍କ ପାଇଁ ଶିକ୍ଷା କାର୍ଯ୍ୟକ୍ରମ, ଅଧ୍ୟୟନ ଚକ୍ର, ମହିଳା ଭକ୍ତ ଓ କୁମାରୀମାନଙ୍କ ପାଇଁ ତତ୍ତ୍ୱ ଆଲୋଚନାଚକ୍ର ଏବଂ ନିର୍ଦ୍ଦିଷ୍ଟ ସେବା ପାଇଁ ବିଭିନ୍ନ ଶିକ୍ଷାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

ଭକ୍ତିମୂଳକ ସମାବେଶ, ଯୁବମାନଙ୍କୁ ମାର୍ଗଦର୍ଶନ, ନୈତିକ ଶିକ୍ଷା ଓ ଚରିତ୍ର ଗଠନ ମାଧ୍ୟମରେ ମଣିଷର ଚେତନାକୁ ଉନ୍ନତ କରିବା ଏହି କାର୍ଯ୍ୟକ୍ରମଗୁଡ଼ିକର ମୂଳ ଲକ୍ଷ୍ୟ।

ପ୍ରତ୍ୟେକ ଶାଖା ସଂଘରେ ସାପ୍ତାହିକ ଅଧିବେଶନ ମାଧ୍ୟମରେ ସେବା ଓ ଶିକ୍ଷାର ଅନୁଶୀଳନ କରାଯାଏ। ଜିଲ୍ଲା ସଂଘ ମାଧ୍ୟମରେ ସେବା, ଶିକ୍ଷା ଓ ସଂଗଠନର ଅନୁସରଣ ଓ ପରବର୍ତ୍ତୀ କାର୍ଯ୍ୟଧାରା ସୁନିଶ୍ଚିତ କରାଯାଏ। ଏହା ଫଳରେ ଶାଖାସ୍ତରର କାର୍ଯ୍ୟକଳାପ ଏକ ବୃହତ୍ତର ସାଂଗଠନିକ ଧାରା ସହ ସଂଯୁକ୍ତ ରହିଥାଏ।

ସାମାଜିକ ସମନ୍ୱୟ ଓ ଭ୍ରାତୃତ୍ୱ

ସଂଘର ବିଭିନ୍ନ ସମାବେଶରେ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଭେଦଭାବକୁ ପଛରେ ରଖି ଲୋକମାନେ ଏକତ୍ରିତ ହୋଇଥାନ୍ତି। ପୂଜା, ପ୍ରାର୍ଥନା, ଭଜନ, ଆଲୋଚନା ଓ ସେବାରେ ସମସ୍ତଙ୍କ ଅଂଶଗ୍ରହଣ ଏକ ଅନନ୍ୟ ଭ୍ରାତୃତ୍ୱବୋଧ ସୃଷ୍ଟି କରେ। ଏହି ସାମୂହିକତାର ଫଳରେ ପରସ୍ପର ପ୍ରତି ସହାନୁଭୂତି, ସହଯୋଗ, ଆତ୍ମୀୟତା ଓ ସାମୂହିକ ଚେତନାର ବିକାଶ ଘଟିଥାଏ।

ଏକ ଅର୍ଥରେ ସଂଘ ମଣିଷକୁ ଶିଖାଏ—ଆଧ୍ୟାତ୍ମିକ ଉନ୍ନତି କେବଳ ଏକାକୀ ସାଧନାରେ ନୁହେଁ; ପରସ୍ପରର ମଙ୍ଗଳଚିନ୍ତା ଓ ସେବାରେ ମଧ୍ୟ ତାହାର ସାର୍ଥକତା ନିହିତ।

ମାନବସେବା : ଆଧ୍ୟାତ୍ମିକ ସାଧନାର ଅବିଚ୍ଛିନ୍ନ ଅଙ୍ଗ

ସ୍ୱାମୀ ନିଗମାନନ୍ଦଙ୍କ ଦର୍ଶନରେ ମାନବସେବା କେବଳ ଏକ ସାମାଜିକ କାର୍ଯ୍ୟ ନୁହେଁ; ଏହା ଆଧ୍ୟାତ୍ମିକ ସାଧନାର ଏକ ଅବିଚ୍ଛିନ୍ନ ଅଙ୍ଗ।

"ଶିବଜ୍ଞାନେ ଜୀବସେବା"ର ମହାନ ଭାବନାକୁ ହୃଦୟରେ ଧାରଣ କରି ସଂଘର ଭକ୍ତମାନେ ବିଭିନ୍ନ ସେବାମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସୁଛନ୍ତି। ଅସହାୟଙ୍କୁ ସାହାଯ୍ୟ, ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଓ ବିଭିନ୍ନ ସ୍ୱେଚ୍ଛାସେବୀ କାର୍ଯ୍ୟ ମାଧ୍ୟମରେ ସଂଘ ମାନବସେବାର ଆଦର୍ଶକୁ ଜୀବନ୍ତ ରଖିଛି।

ଐତିହ୍ୟ ସଂରକ୍ଷଣ ଓ ପରମ୍ପରାର ପ୍ରବାହ

ନୀଳାଚଳ ଧାମ ପୁରୀ ଏବଂ ସ୍ୱାମୀ ନିଗମାନନ୍ଦଙ୍କ ସାରସ୍ୱତ ପରମ୍ପରାର ଆଧ୍ୟାତ୍ମିକ ଐତିହ୍ୟ ସଂରକ୍ଷଣରେ ମଧ୍ୟ ସଂଘ ଏକ ଦୀର୍ଘସ୍ଥାୟୀ ଭୂମିକା ପାଳନ କରିଆସୁଛି।

ସରଳତା, ଶୃଙ୍ଖଳା, ଭକ୍ତି, ସମୂହ ସାଧନା, ସତଶିକ୍ଷା ଓ ସେବାଭାବ ମାଧ୍ୟମରେ ନିଗମାନନ୍ଦୀୟ ପରମ୍ପରାକୁ ପରବର୍ତ୍ତୀ ପିଢ଼ି ପାଖରେ ପହଞ୍ଚାଇବା ସଂଘର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟାସ।

ଏକ ଜୀବନ୍ତ ଆଧ୍ୟାତ୍ମିକ ପରିବାର

ପ୍ରତିଷ୍ଠାର ନଅ ଦଶନ୍ଧିରୁ ଅଧିକ ସମୟ ଅତିକ୍ରମ କରିଥିଲେ ମଧ୍ୟ ନୀଳାଚଳ ସାରସ୍ୱତ ସଂଘ ଆଜି ଏକ ସଜୀବ ଆଧ୍ୟାତ୍ମିକ ପରିବାର ଭାବେ ନିଜର ଯାତ୍ରା ଅବ୍ୟାହତ ରଖିଛି।

ଏହାର ମୂଳ ଶକ୍ତି ରହିଛି ଭକ୍ତି, ଜ୍ଞାନ, ଶୃଙ୍ଖଳା, ସେବା, ନୈତିକତା, ଭାବବିନିମୟ ଓ ଅନ୍ତର୍ଜାଗରଣରେ। ଏହା ମଣିଷକୁ ଶିଖାଏ—ନିଜକୁ ବଦଳାଇବା ବିନା ସମାଜକୁ ବଦଳାଇବା ସମ୍ଭବ ନୁହେଁ। ପ୍ରଥମେ ନିଜ ଚରିତ୍ରର ପରିଶୋଧନ, ତା'ପରେ ପରିବାରରେ ଆଦର୍ଶର ପ୍ରତିଷ୍ଠା ଓ ଶେଷରେ ସମାଜ ପ୍ରତି ନିଷ୍କାମ ସେବା—ଏହି କ୍ରମରେ ଜୀବନକୁ ଉନ୍ନତ କରିବାର ପ୍ରେରଣା ଏହା ଦେଇଥାଏ।

ସ୍ୱାମୀ ନିଗମାନନ୍ଦଙ୍କ ଜନ୍ମତିଥି ଓ ଜୟନ୍ତୀ ସ୍ୱାମୀ ନିଗମାନନ୍ଦଙ୍କ ଜନ୍ମ ୧୮୮୦ ମସିହାରେ ଝୁଲଣ ପୂର୍ଣ୍ଣିମା ତିଥିରେ ହୋଇଥିଲା। ତାଙ୍କର ପବିତ୍ର ଜନ୍ମତିଥି ଓ ଜୟନ୍ତୀ ଉତ୍ସବ ଏହି ବର୍ଷ ଅଗଷ୍ଟ ୨୮ ତାରିଖରେ ପାଳନ ହେବାକୁ ଯାଉଛି। ଏହି ପବିତ୍ର ଅବସର କେବଳ ଜଣେ ମହାପୁରୁଷଙ୍କ ଜନ୍ମସ୍ମରଣ ନୁହେଁ; ତାଙ୍କର ଜୀବନାଦର୍ଶକୁ ନିଜ ଜୀବନରେ କେତେଦୂର ରୂପାୟିତ କରିପାରିଛୁ ଏବଂ ଆଗାମୀ ଦିନରେ କେତେଦୂର କରିବାକୁ ହେବ—ତାହାର ଏକ ଆତ୍ମପରୀକ୍ଷାର ମଧ୍ୟ ଅବସର।

ନୀଳାଚଳ ସାରସ୍ୱତ ସଂଘ : ଏକ ଜୀବନଦର୍ଶନ

ନୀଳାଚଳ ସାରସ୍ୱତ ସଂଘକୁ କେବଳ ଏକ ଧାର୍ମିକ ସଂଗଠନ ଭାବରେ ଦେଖିଲେ ଏହାର ପ୍ରକୃତ ମହତ୍ତ୍ୱକୁ ସମ୍ପୂର୍ଣ୍ଣ ଭାବେ ବୁଝିହେବ ନାହିଁ। ଏହା ଏକ ଜୀବନପଦ୍ଧତି, ଏକ ଆଧ୍ୟାତ୍ମିକ ପରିବାର ଏବଂ ଏକ ମୂଲ୍ୟବୋଧର ଆନ୍ଦୋଳନ। ସ୍ୱାମୀ ନିଗମାନନ୍ଦଙ୍କ ଆଦର୍ଶରେ ଗଢ଼ିଉଠିଥିବା ଏହି ସଂଘ ମଣିଷକୁ ନୈତିକ ଜୀବନରୁ ଆଧ୍ୟାତ୍ମିକ ଉପଲବ୍ଧିର ଉଚ୍ଚତର ସୋପାନକୁ ଅଗ୍ରସର ହେବାର ପଥ ଦେଖାଉଛି। ଏଠାରେ ଧର୍ମ ଜୀବନରୁ ବିଚ୍ଛିନ୍ନ କୌଣସି ଧାରଣା ନୁହେଁ; ଧର୍ମ ହେଉଛି ଜୀବନକୁ ସୁନ୍ଦର, ଶୁଦ୍ଧ, ଶୃଙ୍ଖଳିତ ଓ ମହତ୍ କରିବାର ଏକ ଅନ୍ତର୍ଯାତ୍ରା।

ଉପସଂହାର

ନୀଳାଚଳ ସାରସ୍ୱତ ସଂଘର ଐତିହାସିକ ଉତ୍ପତ୍ତି, ପୁରୀଧାମ ସହ ତାହାର ଅତୁଟ ସମ୍ପର୍କ, ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଦିବ୍ୟ ଜୀବନାଦର୍ଶ, ଗୃହସ୍ଥ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ, ସତଶିକ୍ଷା, ସଂଘଶକ୍ତି, ଭାବବିନିମୟ, ଭକ୍ତ ସମ୍ମିଳନୀ, ଯୁବ ଓ ମହିଳା ସଂଗଠନ, ସାହିତ୍ୟ-ପ୍ରକାଶନ, ମାନବସେବା ଏବଂ ସନାତନ ଧର୍ମର ପ୍ରଚାର—ଏସବୁ ମିଶି ଏହି ସଂଘକୁ ଏକ ସ୍ୱତନ୍ତ୍ର ଓ ଅନନ୍ୟ ପରିଚୟ ପ୍ରଦାନ କରିଛି।

ଏହାର ମୂଳବାଣୀ:

ନିଜ ଜୀବନକୁ ପବିତ୍ର କରିବା, ପରିବାରକୁ ଆଦର୍ଶମୟ କରିବା, ସମାଜକୁ ସେବା କରିବା ଏବଂ ପ୍ରତ୍ୟେକ ଜୀବରେ ପରମାତ୍ମାଙ୍କ ଦର୍ଶନ କରିବା। ନିଜେ ପବିତ୍ର ହେବା—ପରିବାରକୁ ପବିତ୍ର କରିବା—ସମାଜକୁ ସେବା କରିବା—ଏବଂ ସର୍ବଜୀବରେ ଶିବଙ୍କ ଦର୍ଶନ କରିବା; ଏହି ଚିରନ୍ତନ ସାଧନାର ପଥରେ ନୀଳାଚଳ ସାରସ୍ୱତ ସଂଘର ଯାତ୍ରା ଅନିର୍ବାଣ ରହୁ।

# ତାଳଗଛ ଓ ବାଇଚଢ଼େଇ : ହଜିଯାଉଥିବା ପ୍ରକୃତିର ଏକ ଚିତ୍ର



ସୁବ୍ରତ କୁମାର ଦାସ
(ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ)
ମୋ:୯୪୩୭୭୩୧୯୦୩

ଗ୍ରାମୀଣ ଜୀବନରେ ଚିରପରିଚିତ ଦୃଶ୍ୟ ଥିଲା ତାଳଗଛ। ଗାଁ ଦାଣ୍ଡ ଠାରୁ ନଦୀ ପଠା, ବିଲ ହୁଡ଼ା ଠାରୁ ବାଡ଼ି ବଗିଚା, ଯେଉଁଆଡ଼େ ଦେଖିଲେ ଆକାଶକୁ ମୁହଁ କରି ଠିଆ ହୋଇଥିବା ତାଳଗଛ ଦେଖାଯାଉଥିଲା। ଆଉ ସେହି ତାଳଗଛର ଅଗ୍ରଭାଗରେ ଝୁଲୁଥିବା ବାଇଚଢ଼େଇର ବସା ଥିଲା ଗାଁର ସୌନ୍ଦର୍ଯ୍ୟର ଏକ ନିଆରା ଚିତ୍ର।

ପ୍ରକୃତି ତା'ର ଅପୂର୍ବ ସୃଜନଶୀଳତାର ପରିଚୟ ଦେଇଥାଏ। ସେହି ଆଶ୍ଚର୍ଯ୍ୟଜନକ ସୃଷ୍ଟି ମଧ୍ୟରେ ବାଇଚଢ଼େଇର ବସା ଏକ ଅନନ୍ୟ ଶିଳ୍ପକଳା। ପ୍ରକୃତିର କୋଳରେ ଅସଂଖ୍ୟ ଆଶ୍ଚର୍ଯ୍ୟ ଲୁଚି ରହିଛି। କେଉଁଠି ଫୁଲର ରଙ୍ଗରେ, କେଉଁଠି ପ୍ରଜାପତିର ଡେଣାରେ, ଆଉ କେଉଁଠି ପକ୍ଷୀର ବସାରେ। କୌଣସି ଯନ୍ତ୍ର ନାହିଁ, କୌଣସି ନକ୍ସା ନାହିଁ, କୌଣସି ମାପକାଠି ବି ନାହିଁ, ତଥାପି ନିଜ ଥଣ୍ଟରେ ଘାସ, କୁଟା, କାଠି ଓ ପତ୍ରର ସୂକ୍ଷ୍ମ ଅଂଶକୁ ବୁଣି ଏହି ଛୋଟ ପକ୍ଷୀଟି ତିଆରି କରେ ଏକ ଅଦ୍ଭୁତ ନୀଡ଼।

ବାଇଚଢ଼େଇର ବସାକୁ ଦେଖିଲେ ପ୍ରଥମେ ମନରେ ଆସେ,ଏତେ ନିଖୁଣ ଭାବରେ ଏହି ଛୋଟ ପକ୍ଷୀଟି କିପରି ତା'ର ଘର ତିଆରି କରେ ? ଗୋଟିଏ ଗୋଟିଏ କୁଟା, କାଠି, ଥଣ୍ଟରେ ଧରି, ଯତ୍ନରେ ଗୁନ୍ଥି ଗୁନ୍ଥି ସେ ତାର ବସାଟିକୁ ଆକାର ଦିଏ। କେତେବେଳେ ତା'ର ନିର୍ମାଣ କାମ ସରିବ, କେତେ ଲମ୍ବା ହେବ, କେଉଁଠି ପ୍ରବେଶଦ୍ୱାର ରହିବ—ଏସବୁର କୌଣସି ଲିଖିତ ଯୋଜନା ନଥାଏ। ପ୍ରକୃତି ତା'କୁ ଯେପରି ଜନ୍ମରୁ ଏହି ଅଦୃଶ୍ୟ ଶିକ୍ଷା ଦେଇଛି।

ତାଳଗଛର ଉଚ୍ଚ ଡାଳରେ ଝୁଲୁଥିବା ଏହି ନୀଡ଼ଟି ଦୂରରୁ ଦେଖିଲେ ଯେପରି ଗୋଟିଏ ଛୋଟ ଝୁଲନ୍ତା ଘର ଭଳି ଦେଖାଯାଏ। ପବନ ବହିଲେ ଏହା ଦୋଳି ଖେଳୁଥାଏ। ଝଡ଼ ଆସିଲେ ତାଳପତ୍ର ଶବ୍ଦ କରେ, ଗଛର ଡାଳ ଦୋହଲିଯାଏ; କିନ୍ତୁ ନୀଡ଼ଟି ଗଛ ସହିତ ତାଳ ମିଳାଇ ଦୋଳିଦୋଳି ନିଜକୁ ସମ୍ଭାଳିନିଏ। ପ୍ରକୃତିର ନିୟମକୁ ବୁଝି ନିଜକୁ ତା ସହିତ ଖାପ ଖୁଆଇବାର ଏହି କଳା ମଣିଷ ପାଇଁ ମଧ୍ୟ ଶିକ୍ଷଣୀୟ ଅଟେ।

ବାଇଚଢ଼େଇର ଏହି ବସାର ଆଉ ଏକ ବିଶେଷତା ହେଉଛି ତା'ର କାରିଗରୀ। ବାହାରୁ ଦେଖିଲେ ଯେତେ ସରଳ ଲାଗେ,ତା ଭିତରେ ସେତେ ଯୋଜନାବଦ୍ଧ। ବସା ଭିତରେ ପ୍ରବେଶପଥ, ଅଣ୍ଡା ରଖିବା ସ୍ଥାନ, ଛୁଆମାନଙ୍କ ପାଇଁ ନିରାପଦ ଆଶ୍ରୟ, ସବୁକିଛି ଯେପରି ଅଦୃଶ୍ୟ ଏକ କାରିଗରୀ ର ନକ୍ସା ଅନୁସାରେ ତିଆରି ହୋଇଥାଏ। ଏହି ନୀଡ଼ ଆମକୁ ବୁଝାଇଦିଏ ଯେ, ବଡ଼ ଘର ତିଆରି କରିବା ହିଁ ସ୍ଥାପତ୍ୟର ଶ୍ରେଷ୍ଠତା ନୁହେଁ; ଅଳ୍ପ ସାଧନରେ ନିଜର ଆବଶ୍ୟକତାକୁ ପୂରଣ କରିପାରିବା ହିଁ ପ୍ରକୃତ ଦକ୍ଷତା।

ବାଇଚଢ଼େଇ ନିଜ ଘର ତିଆରି କରିବାବେଳେ ପ୍ରକୃତିକୁ ନଷ୍ଟ କରେ ନାହିଁ। ଗଛ କାଟେ ନାହିଁ, ମାଟି ଖୋଳେ ନାହିଁ, ପ୍ଲାଷ୍ଟିକ କିମ୍ବା କୃତ୍ରିମ ଉପାଦାନର ଆବଶ୍ୟକତା ପଡ଼େ ନାହିଁ। ପ୍ରକୃତିରୁ ଯାହା ପାଏ, ସେତିକି ନେଇ ନିଜର ଆବଶ୍ୟକତା ଅନୁଯାୟୀ ଘର ତିଆରି କରେ। ଆଜିର ଭୋଗବାଦୀ ଜୀବନରେ ଏହାଠାରୁ ବଡ଼ ପରିବେଶ ଶିକ୍ଷା ଆଉ କ'ଣ ହୋଇପାରେ ?। ଏହି ଛୋଟ ପକ୍ଷୀର ଧୈର୍ଯ୍ୟ ଓ ଅକ୍ଳାନ୍ତ ପରିଶ୍ରମ ଦେଖି ମଣିଷ ମଧ୍ୟ ଶିଖିପାରେ, ବଡ଼ ସଫଳତା ଗୋଟିଏ ଦିନରେ ଆସେ ନାହିଁ; ଛୋଟ ଛୋଟ ପ୍ରୟାସର ସମାହାରରେ ହିଁ ଗଢ଼ିଉଠେ ଏକ ସୁନ୍ଦର ସୃଷ୍ଟି।

ବାଇଚଢେଇର ଏହି ବସା ଭିତରେ ରହିଥାଏ ମମତା। ଛୁଆମାନଙ୍କ ପାଇଁ ବାଇଚଢ଼େଇ ଏତେ ଯତ୍ନରେ ଘର ତିଆରି କରେ। ଛୋଟ ଛୁଆମାନଙ୍କ ଆଗମନକୁ ଅପେକ୍ଷା କରି ତା'ର ପ୍ରତ୍ୟେକ ତନ୍ତୁରେ ଯେପରି ମିଶିଯାଏ ମାତୃତ୍ୱର ମମତା। ସେଥିପାଇଁ ଏହି ବସା କେବଳ ଏକ ଘର ନୁହେଁ, ଏହା ଏକ ଛୋଟ ସଂସାର, ଏକ ନିରାପଦ ଆଶ୍ରୟ ଓ ଭବିଷ୍ୟତର ସ୍ୱପ୍ନ।

କିନ୍ତୁ ଆଜି ଏହି ଦୃଶ୍ୟ ଧୀରେଧୀରେ ଦୁର୍ଲଭ ହୋଇଯାଉଛି। ତାଳଗଛ କମୁଛି, ପୁରୁଣା ବଗିଚା ହଜିଯାଉଛି, ଗାଁର ପ୍ରାକୃତିକ ପରିବେଶ ବଦଳିଯାଉଛି। ଫଳରେ ବାଇଚଢ଼େଇ ପାଇଁ ନୀଡ଼ ତିଆରି କରିବାର ଉପଯୁକ୍ତ ଆଶ୍ରୟ ମଧ୍ୟ କମିଯାଉଛି। ଯେଉଁ ଗାଁରେ ଦିନେ ତାଳଗଛର ମୁଣ୍ଡରେ ଅନେକ ବସା ଝୁଲୁଥିଲା, ଆଜି ସେଠାରେ ଗୋଟିଏ ନୀଡ଼ ଦେଖିବା ମଧ୍ୟ ଅନେକ ସମୟରେ ଆଶ୍ଚର୍ଯ୍ୟର ବିଷୟ। ଏହି ବସା ହଜିଯିବା ମାନେ କେବଳ ଗୋଟିଏ ପକ୍ଷୀର ଘର ହଜିଯିବା ନୁହେଁ। ଏହା ସହିତ ହଜିଯାଏ ପ୍ରକୃତିର ଏକ ନିଖୁଣ ଶିଳ୍ପକଳା, ଆମ ଗ୍ରାମୀଣ ସ୍ମୃତିର ଏକ ଅଧ୍ୟାୟ ଏବଂ ମଣିଷ ଓ ପକ୍ଷୀର ସହାବସ୍ଥାନର ଏକ ସୁନ୍ଦର ଦୃଶ୍ୟ।

# ସାପ କାମୁଡାରୁ ରକ୍ଷା ପାଇବା ପାଇଁ



ଡଃ. ଲକ୍ଷ୍ମୀ ନାରାୟଣ କର
ପ୍ଲଟ ନଂ ୨୫
ସୂର୍ଯ୍ୟ ନଗର, ଭୁବନେଶ୍ୱର
୯୪୩୭୧୮୫୬୦୭.

ଆଜିକାଲି ସାପକାମୁଡ଼ା ରେ ଅନେକ ଲୋକ ମୃତ୍ୟୁବରଣ କରୁଛନ୍ତି। ଶୋଇଥିବା ଅବସ୍ଥାରେ ସାପ ଘର ଭିତରେ ପଶି ଲୋକଙ୍କୁ କାମୁଡ଼ିଥାଏ। ତେଣୁ ସାପ ଯେପରି ଘର ଭିତରକୁ ନ ପାଇ ସେଥିପାଇଁ ଆବଶ୍ୟକ ପ୍ରତିକାର ବ୍ୟବସ୍ଥା କରିବା ଉଚିତ୍।

ନିମ୍ନରେ ସାପ ଘରେ ନ ପଶିବା ପାଇଁ କିଛି ପରାମର୍ଶ

୧. ସାପ ଘରେ ନ ପଶିବା ପାଇଁ କାର୍ବୋଲିକ୍ ଏସିଡ ବ୍ୟବହାର କରନ୍ତୁ। ଗୋଟେ କପ୍‌ରେ କିଛି କାର୍ବୋଲିକ୍ ଏସିଡ ରଖି ଘର ଦୁଆର ମୁହଁରେ ରଖିଲେ ତା ଗନ୍ଧରେ ସାପ ଯାଇପାରିବେ ନାହିଁ।

୨. ଘର ଚାରିପଟେ ଦାନାଦାର ପୋକମରା ଔଷଧ ପକେଇ ଦେଲେ ସାପ ପଶିବେ ନାହିଁ। ଘର ଭିତରକୁ ଯେଉଁ ବାଟରେ ସାପ ଯିବାର ସମ୍ଭାବନା ଥାଏ ସେଇ ଜାଗାରେ ଦାନାଦାର ଔଷଧ ବା ବ୍ଲିଚିଂ ପାଉଡର୍ ବା କିରୋସିନ ପକେଇ ଦିଅନ୍ତୁ। ଏହାର ଗନ୍ଧରେ ସାପ ପଶିବେ ନାହିଁ।

୩. ଘରର ଚାରିପଟ ପରିଷ୍କାର ରଖନ୍ତୁ ଓ ଅଳିଆ ଇତ୍ୟାଦି ଜମା କରନ୍ତୁ ନାହିଁ।

୪. ରାତିରେ ଯିବାଆସିବା କଲାବେଳେ ବାଡ଼ିଧରି ଠକ୍ ଠକ୍ କଲେ ସେଇ ଶବ୍ଦରେ ସାପ ମଧ୍ୟ ଆସିବେ ନାହିଁ। ତେଣୁ ସାପ କାମୁଡ଼ାରୁ ରକ୍ଷା ପାଇବା ପାଇଁ ସାପ ଯେପରି ଘରେ ନ ପଶନ୍ତି ସେଥିପାଇଁ ଏଥିରେ ଦିଅ ଯାଇଥିବା ପରାମର୍ଶ ଅନୁସାରେ କାର୍ଯ୍ୟ କରନ୍ତୁ। ବିଶେଷକରି କର୍ବୋଲିକ୍ ଏସିଡ , ବ୍ଲିଚିଂ ପାଉଡର୍ ବା କିରୋସିନ ଇତ୍ୟାଦି ସାପ ଯିବା ଆସିବା ବାଟରେ ରଖନ୍ତୁ। ଯଦି ମୂଷା ଗାତ ଥାଏ ତାକୁ ବନ୍ଦ କରିଦିଅନ୍ତୁ। ସବୁଠୁ ବଡ଼ କଥା ହେଲା ଘରର ଚାରିପଟ ପରିଷ୍କାର ରଖନ୍ତୁ , ସାପ ନ ଆସିବା ପାଇଁ ଉପରଲିଖିତ ପ୍ରଣାଳୀ ବ୍ୟବସ୍ଥା କରନ୍ତୁ। ଏହା ପରୀକ୍ଷିତ ଏବଂ ଏହା ଦ୍ୱାରା ସାପକୁ ଘର ଭିତରେ ପ୍ରବେଶ କରିବା ପାଇଁ ବାରଣ କରାଯାଇପାରିବ।

୫.ଘରେ ଯଦି ସାପ ପଶି ଯାଇଛି ତେବେ ତାକୁ ଧରନ୍ତୁ ନାହିଁ ବା ତା ପାଖକୁ ଯାଆନ୍ତୁ ନାହିଁ, କେବଳ ଦୂରରୁ ତାର ଗତିକୁ ନଜରରେ ରଖନ୍ତୁ ଓ ତୁରନ୍ତ ଯୋଗ୍ୟ ସାପ ଧରାଳି ଙ୍କୁ ଖବର ଦିଅନ୍ତୁ ।

୬. ସାପ ଉପରକୁ କୌଣସି ପ୍ରକାରର ଆଘାତ ନ କଲା ପର୍ଯ୍ୟନ୍ତ ସେ କାହାକୁ ଆକ୍ରମଣ କରେ ନାହିଁ ତେଣୁ ତାକୁ ଭୟ କରନ୍ତୁ ନାହିଁ।

୭. ଯଦି ସାପ କାମୁଡ଼ି ଦେଇଛି ତେବେ ତୁରନ୍ତ ପାଖରେ ଥିବା ଡାକ୍ତରଖାନାକୁ ରୋଗୀକୁ ନିଅନ୍ତୁ ଏବଂ ଯେଉଁ ଜାଗାରେ ସାପ କାମୁଡ଼ି ଦେଇଛି ତାର ଉପର ଓ ତଳେ ଏକ ଦଉଡ଼ିରେ ଜୋର୍ କରି ବାନ୍ଧି ଦିଅନ୍ତୁ।

୮. ଗୁଣିଆ ବା ଓଝା ପାଖକୁ ଯାଆନ୍ତୁ ନାହିଁ କାରଣ ଏହା ସାଂଘାତିକ ହୋଇ ରୋଗୀ ମୃତ୍ୟୁ ବରଣ କରିପାରେ ।





# ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ବ୍ୟକ୍ତି

ଶ୍ରଦ୍ଧେୟ ଭକ୍ତବୃନ୍ଦ ବ୍ୟକ୍ତି ଯେ ପର୍ଯ୍ୟନ୍ତ ବ୍ୟକ୍ତତ୍ୱର ବିକାଶ ନ କରିଛି ସେ ପର୍ଯ୍ୟନ୍ତ ସେ ମାୟାର ବନ୍ଧନରେ ଥାଏ । କେବଳ ସେ ହିଁ ସେହି ହୋଇଥାଏ । ପଶୁ ପ୍ରକୃତିକୁ ଆଧାର କରି ଚାଲିଥାଏ । କାମ,କ୍ରୋଧ,ଲୋଭ,ମୋହରେ ଆବୃତ ହୋଇଥାଏ । । ନିଜେ ଖାଇବ ନିଜେ ବଞ୍ଚିବ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ କୁ ଜାହିର କରୁଥାଏ ପ୍ରତିମୂହୂର୍ତ୍ତରେ ଏହା ହିଁ ତ ମାୟା,ମନୁଷ୍ୟ ଜନ୍ମର ସାର୍ଥକତାକୁ ସେ ଭୁଲିଯାଇଥାଏ । ପରଶ୍ରୀକାତରତାର ନିଶାରେ ସେ ମୋହାନ୍ଧ ହୋଇ ସଂସାର ଓ ସମାଜର ବୋଝ ହୋଇଥାଏ । ତେଣୁ ଏ ବୋଝ ତାକୁ ଏତେ ଭାରି ପଡେ ଯେ ପରିଶେଷରେ ତାର ନିଜର ଲୋକ ମାନେହିଁ ତାକୁ ଘୃଣା କରୁଥାଆନ୍ତି । କିନ୍ତୁ ସେ ଭାବେ ମୁଁ ଯାହା କରୁଛି ଠିକ୍ କରୁଛି । ଯାହା କରିଛି ସେବି ଠିକ୍ । କିନ୍ତୁ ପରିଶେଷରେ ମନୁଷ୍ୟ ହିତା ହିତ ଜ୍ଞାନ ଭୁଲି ନର୍କଗାମୀ ହୋଇଥାଏ । ତେଣୁ ହେ ସୁଧିଜନ ବେଳହୁଁ ଗୋବିନ୍ଦ ସୁମର । ଆମେ ଯାହା କରୁଛୁ ତାହା ଠିକ୍ ବୋଲି ଆମେ କହିଲେ ହେବନାହିଁ । କାରଣ ମନୁଷ୍ୟର ଦର୍ପଣ ହେଉଛି ସମାଜ,ତୁମର କର୍ମକୁ ସମାଜ ଦେଖିଛି କାରଣ ବହୁ ଲୋକଙ୍କ ହୃଦୟରେ ଯେଉଁ ଭାବ ଜାଗ୍ରତ ହୁଏ ତାହାହିଁ ଈଶ୍ୱର ବାଣୀ । ଆମେ କହିଲେ କେମିତି ହେବ । ତେଣୁ ହେ ସୁଧିଜନ ସବୁ ମୂହୂର୍ତ୍ତରେ ବ୍ୟକ୍ତିଗତ ମନଭାବ ଭୁଲି ସମାଜର ଅଗ୍ରଗତି ଦିଗରେ ସଚେତନ ହେଲେ ଈଶ୍ୱର ନିଶ୍ଚୟ ତୁମକୁ ଆର୍ଶୀବାଦ କରିବେ । ହରିଓଁ । ମକ

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଆଞ୍ଜୁଳାଏ ମେଘ ଫୁଲ

*ଦେବାଶିଷ ଚକ୍ରବର୍ତ୍ତୀ*




**କଦମ୍ବ**
ବରଷା ଚୁମିଲେ କଦମ୍ବ ଓଠରେ
ଉଛୁଳଇ ସିନା ହାସ
ପ୍ରୀତି କଦମ୍ବକୁ ଝାଉଁଳାଇ ଦିଏ
ସନ୍ଦେହର ଟୋପେ ବିଷ।

**ଚାତକ**
ଘଡଘଡ଼ି ଶୁଣି ଚାତକର ଶୋଷ
ହୋଇଯାଇଥାଏ ଦୂର
ପ୍ରତିଶ୍ରୁତିରେ କୁରୁଳେ ଯେପରି
ଭୋଟରର ପ୍ରାଣପୁର।

**ଗେଣ୍ଡା**
ସବୁଜ ଘାସର ବଇଭବ ଦେଖି
ଖୋଳରୁ କାଢ଼ଇ ମୁହଁ
କୁର୍ସି ଦଖଲ ପାଇଁ ଯେଉଁପରି
ନେତାଙ୍କର ଛୁଟେ ସୁଅ।

**ମୟୂର**
କଜଳ ମେଘର ପଟୁଆର ଦେଖି
ନାଚଇ ପୁଚ୍ଛ ମେଲି
ସାବାସି ପାଇଲେ କୁରୁଳେ ଯେପରି
ତେଲିଆ କର୍ମଚାରୀ।

**ସାଧବବୋହୂ**
କଅଁଳ ଘାସର ଗାଲିଚା ଉପରେ
ଚାଲି ତାର ଥିରିଥିରି
ଶାସନ କଳର ପାରିଲାପଣର
ସଠିକ୍ ନମୁନା ପରି।

*ମଣ୍ଡୁଆ, କେନ୍ଦୁଝର ଗଡ*
*ମୋ- ୯୪୩୭୭୫୨୩୯୫*

# ଜହ୍ନ ବି ଆସିନି ହାତେ....

*ପୀୟୂଷ ପଟ୍ଟନାୟକ*

ସଙ୍ଗୋପନେ 'ଜହ୍ନ' କହେ, କିଛି କଥା ତାରା ସବୁ ଶୁଣି
ମୋ ଆଗରେ ବଖାଣନ୍ତି ସେ କଥାର ଅବୋଧ ସାରଣୀ,
ମୁଁ ଜାଣେ ସେ କଥା ସବୁ 'ଜହ୍ନ' ମନ ଅବୁଝା ଯନ୍ତ୍ରଣା
ଦିନେ କେବେ ଏକାନ୍ତରେ କହିଥିଲା ହୃଦୟ ବେଦନା ।

ସେଇଭଳି କିଛି କଥା ତୁମେ ଦିନେ ମୋତେ ବି ପଚାର
ତୁମକୁ ପାରେନି କେବେ ବୁଝାଇ ମୋ ସରଳ ଉତ୍ତର,
ଚାହିଁଲନି ବୁଝିବାକୁ ସେ ଉତ୍ତର, ବିତେ ରାତି ଦିନ
ବୁଝାଇ ପାରିବ ବୋଧେ 'ଜହ୍ନ', ତୁମ ଅସଂହତ ମନ ।

ସେଦିନୁ ଖୋଜୁଛି 'ଜହ୍ନ', 'ଜହ୍ନ' କିନ୍ତୁ ଦେଉନିତ ଧରା
ବିତିଲାଣି କେତେ ବର୍ଷ, କେତେଦିନ କେତେ ଋତୁ ପରା,
ସମୟର ଆବର୍ତ୍ତନେ ତୁମେବି ତ କାହିଁ ହଜିଗଲ
ଉଦାସ ହୃଦୟେ କିବା ଅଭିମାନେ ଶୋଇକି ପଡ଼ିଲ !

ଶୋଇଗଲ, ଏତେ ନିଦ ଉଠିବାର ନାଁଆ ନେବ ନାହିଁ
'ଜହ୍ନ' ବି ଆସିନି ହାତେ ସେ ଭାଷାକୁ ବୁଝାଇବା ପାଇଁ ।

*ମୋ-୭୫୦୬୧୮୯୦୩୦*

# ଗଢୁଥାଅ ଶିଳ୍ପୀ ଭଙ୍ଗୁର ଶରୀରେ

*ସୁଜିତ୍ କୁମାର ମିଶ୍ର*



ଗଢ଼ିଛ ତୁମେ ଏ ସଂସାରକୁ ଶ୍ରମେ ଅଲୌକିକ ଅନୁରାଗେ,
କୋଣ ଅନୁକୋଣେ କୀର୍ତ୍ତିକୋଣାରକ ବିରାଜିଛି ତୂଳୀରଙ୍ଗେ।
ତୁମେ ନିର୍ମାଣର ବିଶ୍ୱ ସ୍ୱର ବୋଲି ଦେବଶିଳ୍ପୀ ନାମେ ଖ୍ୟାତ,
ଜଡରୁ ଶୁଭଇ ଷଡ ଋତୁରେ ବି ଆପଣାପଣର ଗୀତ ।

ନିର୍ଜୀବ ଦେହରେ ଜୀବନ୍ତ ଚେତନା ଫୁଟାଇଛ ଅସୁମାରୀ,
ଆଶା ଭରସାର କିରଣେ ଜୀବନ ପାଲଟିଛି ପ୍ରେମତରୀ ।
ବାହିଛ ମନକୁ ଦିବ୍ୟତାର ସ୍ରୋତେ ଶୁଦ୍ଧ ଶୁଭ୍ର ଲେପ ଦେଇ,
ପାର୍ବଣ ହୋଇଛି ପାଷାଣ ହୃଦୟ ଗଢଣରେ ଗଢି ହୋଇ ।

ଚକ ଅଖ ସବୁ ଗତିଶୀଳ ତୁମ ଚିରଞ୍ଜିବୀ ଚେତନାରେ,
ବିଶ୍ୱ ପାଲଟିଛି ପୁଣ୍ୟ ନନ୍ଦିଘୋଷ ବିଶ୍ୱାସର ବସନ୍ତରେ ।
କର୍ମ ପୂଜା ବୋଲି କର୍ମେ ଦେଖାଇଛ ବିଶ୍ୱକର୍ମା ନାମ ଧରି,
ସକଳ ପରାଣେ ଭରିଅଛ କର୍ମ କଷଣକୁ ଦୂର କରି ।

ଗଢୁଥାଅ ଶିଳ୍ପୀ ଭଙ୍ଗୁର ଶରୀରେ କୋଟିଭାବ ପୁଟ ଦେଇ,
ଅବଚେତନର ମୂଢ଼ ଆତ୍ମା ହେଉ ଅବଗାହନର ନଈ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪*

# ଦାଦନର ଦୁଃଖ

*ବେଣୁଧର ସୂତାର*

ଆଖିରେ ସପନ ଛାତିରେ କମ୍ପନ
ମନରେ ଅଜଣା ଭିତି
ଆଜି କିଆଁ ଏତେ ମନେ ପଡୁଅଛି
ମାନମୟୀ ପ୍ରିୟା ପ୍ରୀତି
ତାରୁଣ୍ୟ ତନୁର ତାତି
ଦୂର ଅତୀତର ସାଇତା ସ୍ୱପ୍ନର
ଜୀବନର ମଧୁ ସ୍ମୃତି ॥

ଅପଦେବତାର ଅଭିସମ୍ପାତରେ
ଭାଗ୍ୟ ମୋ ଦେଲାନି ସାହା
ଅଭାବ ରାହୁର ଜଠରେ ଜଳିଲା
ବଞ୍ଚିବାର ଶେଷ ରାହା
ଜୀବନ ଜୀବିକା ବୃତ୍ତି
ଅର୍ଥ ପାଇଁ ଆଜି ବିଦେଶ ମାଟିରେ
ଖଟୁଛି ଦାଦନ ଗୋଟି ॥

କିଏବା ଜାଣିବ ଦାଦନର ଦୁଃଖ
ଆକୁଳ ପ୍ରାଣର ତୃଷା
ଅଭାବ ଯାହାର ଜୀବନ ଲିପିର
ନୈରାଶ୍ୟର ପରିଭାଷା
ଭଗ୍ନ ବୁକୁର କୋହ
ଆହତ ମନର ଯନ୍ତ୍ରଣାରେ ମୋର
ଉଜୁଡିଛି ପ୍ରାଣ ମୋହ ॥

ଅଭାବୀ ସଂସାର ଯାତନା ଯଜ୍ଞର
ଲେଲିହାନ ଅଗ୍ନି ଶିଖା
ଭାଗ୍ୟ ଭୂଗୋଳର ବେଦନା ବଳୟେ
ଲଙ୍ଘିଛି ଲକ୍ଷଣ ରେଖା
ଲଗାଇ ଜୀବନ ବାଜି
ଦାଦନ ଶ୍ରମିକ ଶୋଷଣ ଜୁଇରେ
ମୋ ବୟସ ଯାଇଛି ହଜି ॥

ଉଜୁଡା କ୍ଷେତରେ ଲହଡ଼ି ମାରୁଛି
ଭଙ୍ଗା ସପନର ଢେଉ
ବେଦନା ଅନଳେ ନିତି ନିତି ଜଳେ
ସହି ନିୟତିର ଦାଉ
ବିଧାତା ଦେଇଛି ଦୁଃଖ
କିଏବା ପଢ଼ିବ ଦାଦନ ପ୍ରାଣର
ବେଦନାର ଅଭିଲେଖ ॥

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*

# ରଇ ଶୀତଳା

*ଚନ୍ଦନ କୁମାର ଦାସ*



ଛିଅ ଖଣ୍ଡ କାଠ କଣ ବୁଝେଇପାରେ
ଚିରଦିନ ଜଳୁଥିବା ଏ ରଇର ଅବୁଝା ଆକାଂକ୍ଷା
ମୁହୂର୍ତ୍ତ ମୁହୂର୍ତ୍ତ ମନ୍ଦାଗ୍ନିରେ ଚରିଯାଉଛି
ଅସ୍ଥିରୁ ଅସ୍ତିତ୍ୱ ପର୍ଯ୍ୟନ୍ତ
ତଥାପି ମେଣ୍ଟିପାରୁନି ତା ପେଟର ଭୋକ
ସଂଗ୍ରାମର ସ୍ୱପ୍ନିଳ ଦ୍ୱାହିରେ
ଅଲକ୍ଷ୍ୟରେ ଗିଳି ଚାଲିଛି
ଏ ସାରା ପୃଥିବୀଟାକୁ

ପୁରୁଣା ପାଉତିରେ ଉଇ ଲାଗିଗଲା ପରି
ଯୋଡ଼ିବାକୁ ଯେତେ ଚେଷ୍ଟା କଲେ ବି
ଯୋଡ଼ି ହେଉନାହିଁ ବିତି ଯାଇଥିବା ଅନ୍ତଃସାରଶୂନ୍ୟ
ଖଣ୍ଡ ଖଣ୍ଡ ମୁହୂର୍ତ୍ତ ମାନଙ୍କୁ
ଫୁଟି ଫୁଟେଇବାର ଆଶାରେ
ଫର୍ଚ୍ଚା ତାରା ସବୁ ଆଖି ସାମ୍ନାରୁ
ଅବିଳମ୍ବେ ମିଳେଇ ଯାଆନ୍ତି

ଆକାଶର ଉଷ୍ଣ ଛାତିତଳୁ
କାଳେ ତା ସୁନୀଳ ଶ୍ମଶ୍ରୁରେ ଜଳୁଥାଏ
ଗୋଟେ ଗୋଟେ ରାତିହୀନ ପୂର୍ଣ୍ଣିମୀର ରଇ

ଆଉ କେତେ ଦିନ ରଇ ପାଇଁ ବଢ଼ାହେଉଥିବ
ନିଜ ଭାଗ୍ୟ ନିଜ ଭବିଷ୍ୟତର ଭୋଗ
ଆଉ କେତେ ଦିନ ରଇ ନିଆଁ ଚରୁଥିବ
ମାଟିରୁ ମଶାଣି, ଦେହରୁ ବିଦେହ ପର୍ଯ୍ୟନ୍ତ



ଏବେ ପୁଣି ବସନ୍ତର ବିଧୁର ବନରେ
କେହି ଜଣେ ସନ୍ତର୍ପଣେ ବାଢ଼ିଦେଉଛି
ନିଦାଘର ନିରବ ନୈବେଦ୍ୟ
ପ୍ରାପ୍ତିର ଲାଳସାରେ ଜୀବନ ଭୋଗୁଛି
ଜୀଇବାର କରୁଣ ଯନ୍ତ୍ରଣା, ଅପ୍ରାପ୍ତିର ଅଭେଦ୍ୟ ଛଳନା
ଜ୍ୱଳନର ଶେଷ ମୁଦ୍ରାରେ ଶୋଷ ଆଉ ଲୋଡ଼ା ନାହିଁ
ବେଶ୍ ଜଳି ସାରିଲାଣି ଏ ଜଳୀୟ ଗ୍ରହର ଜ୍ୱାଳା
ଲୋଡ଼ା ଏବେ ତା ପାଇଁ
କେବଳ ହିଁ କେବଳ 'ରଇ ଶୀତଳା'।

*ଆରୁହାବୃତ୍ତି ୧, ଭୋଗରାଇ, ବାଲେଶ୍ୱର*
*ଦୂ.ଭା-୮୧୧୪୩୪୫୯୮୮*

# ମୋ ମାଟି, ମୋ ମାତୃଭୂମି

*ଡ. ସନ୍ତୋଷ କୁମାର ପଣ୍ଡା*



ତୁମେ କେବଳ ଧୂଳି-ମାଟିର ସୀମାରେଖା ନୁହଁ,
ତୁମେ ଯୁଗ ଯୁଗର ଚେତନା,
ଜନ୍ମଜନ୍ମାନ୍ତରର ପୁଣ୍ୟ ଆଶୀର୍ବାଦ
ହେ ମୋର ଭାରତମାତା।

ଉତ୍ତୁଙ୍ଗ ହିମାଳୟର ଧବଳ ଶିଖର
ତୁମର ଶାଶ୍ୱତ ମୁକୁଟ ହୋଇ
ଝଲସୁଛି ଉଚ୍ଚ ଆକାଶରେ,
ଆଉ ନୀଳ ସିନ୍ଧୁର ତରଙ୍ଗ
ନିରନ୍ତର ଧୋଇଦେଉଛି
ତୁମର ଅଭୟ ଚରଣ।

ଗଙ୍ଗା, ଯମୁନା, ସରସ୍ୱତୀ ଆଦି
ପୁଣ୍ୟ ନଦୀର କଳକଳ ଧାରାରେ
ବୋହିଯାଏ ଅମୃତର ମନ୍ତ୍ର,
ଜୀବନକୁ ପବିତ୍ର କରିବାର ଚିରନ୍ତନ ଗାଥା।

ତୁମେ ସେହି ମହାତୀର୍ଥ,
ଯେଉଁଠି ବଦ୍ରି-କେଦାରରୁ ରାମେଶ୍ୱରମ୍ ଯାଏଁ,
କାମାକ୍ଷାରୁ ଦ୍ୱାରକା ଯାଏଁ
କାଶୀର ଆଳତି ଠାରୁ
ନୀଳାଚଳର ଅଣସର ପିଣ୍ଡି ଯାଏଁ,
ଗୁଞ୍ଜରିତ ହୁଏ ଏକତାର ଏକକ ସ୍ପନ୍ଦନ।

ନଦୀ, ସାଗର, ପର୍ବତ, ମଠ, ମନ୍ଦିର
ପ୍ରତିଟି ଶ୍ରଦ୍ଧା କେନ୍ଦ୍ରରେ
ଆଶ୍ରୟ ପାଏ ବିଶ୍ୱର ବିଶାଳ ହୃଦୟ।

ଏ ମାଟିର ପ୍ରତିଟି ରେଣୁରେ ଲେଖା ଅଛି
ଋଷି-ମୁନିଙ୍କ ତପସ୍ୟା,
ତ୍ୟାଗୀର ଆହୁତି ଆଉ
ବୀର ସନ୍ତାନଙ୍କ ରକ୍ତରାଗ।

କେତେ ଆକ୍ରମଣ, କେତେ ଝଡ଼ଝଞ୍ଜା
ତୁମ ବକ୍ଷକୁ ବିଦ୍ଧ କରିଛି,
କିନ୍ତୁ ତୁମେ ନଇଁଯାଇନ କେବେହେଲେ;
ତୁମ ଅନ୍ତରର ଜ୍ଞାନ-ଅଗ୍ନି
କୋଣାର୍କର କାରୁକାର୍ଯ୍ୟରେ,
ବେଦ ଓ ଗୀତାର ଶ୍ଳୋକରେ,
ଶାନ୍ତି ଓ କରୁଣାର ବାର୍ତ୍ତାରେ
ଅକ୍ଷୁଣ୍ଣ ରହିଛି ଆଜି ବି।

ହେ ଜନନୀ,
ତୁମରି କୋଳରେ ଜନ୍ମ ନେବା ହିଁ
ମୋର ପରମ ସୌଭାଗ୍ୟ,
ମୋ ରକ୍ତର ପ୍ରତିଟି ଟୋପାରେ
ତୁମରି ସ୍ୱାଭିମାନର ନିଆଁ ଜଳୁଥାଉ,
ମୋ କର୍ମ, ମୋ ସ୍ୱପ୍ନ, ମୋ ଶେଷ ନିଃଶ୍ୱାସ
ତୁମରି ଗୌରବର ଚରଣ ତଳେ
ସମର୍ପିତ ହୋଇ ରହୁ ଚିରକାଳ।

ତୁମେ ହିଁ ମୋ ଧର୍ମ, ତୁମେ ହିଁ ମୋ କର୍ମ,
ତୁମେ ହିଁ ତ ମୋର ପରମ ଆରାଧ୍ୟା,
ହେ ମୋର ପୁଣ୍ୟଭୂମି ଭାରତ,
ହେ ମୋର ମୋକ୍ଷ ଭୂମି ଭାରତ,
ମଥା ମୋର ଲୋଟୁଥାଉ
ତୋ ପାଦରେ ଅବିରତ।

*କଟକ*
*ମୋ-୮୨୪୯୦୨୧୪୨୪*

# ହେବ ନାହିଁ ସ୍ୱପ୍ନ ଭଙ୍ଗ

*ଶ୍ୟାମାପ୍ରସାଦ ମିଶ୍ର*

ବିଶ୍ୱ ରଂଗ ମଞ୍ଚେ ଆମେ ନଟନଟୀ ଅଭିନୟ କରୁ ରଙ୍ଗେ,
ରଙ୍ଗ ଛାଡ଼ିଯାଏ ଆୟୁଷ ସମାପ୍ତେ ବାହୁଡୁ ସର୍ବେ ତରଙ୍ଗେ ।୧
ହାଟରେ ସଉଦା କିଣାବିକା ହୁଏ ମନେ ଭରି ଚତୁଃରଙ୍ଗ,
ମନେ ପଡ଼ିଗଲେ ଯିବା ବେଳ କଥା ହୋଇଥାଉ ଚଙ୍ଗଚଙ୍ଗ ।୨
ଥିଲେ କେତେ କେତେ ଅସୀମ ପ୍ରତାପୀ ନାମେ ଯା ଖେଳେ ଆତଙ୍କ,
ନାମ ଗ୍ରାମ ସବୁ କାଳର ଗର୍ଭରେ ହଜିଛି ଲଭି ବିଭଙ୍ଗ ।୩
ଅଙ୍ଗ ବଙ୍ଗ ପୁଣି ଅନଙ୍ଗ କଳିଙ୍ଗ ଅଧିପତି ପଦେ ମଙ୍ଗ,
ଭାଙ୍ଗି ଗଲା ଭଙ୍ଗୀ ନ ହେଲେ କେ ସଙ୍ଗୀ କାଳ ସର୍ପ ଆଗେ ବେଙ୍ଗ ।୪
ସମୟ ସ୍ରୋତରେ ସର୍ବେ ବହମାନ ପର୍ବତେ ଆଣେ ସେ ଭାଙ୍ଗ,
ସାଙ୍ଗରେ କେହି ତ ନଥିବେ ସମୟେ ଧର୍ମ ଏକା ତୋର ସାଙ୍ଗ ।୫
ନ ରହିବ ରଙ୍ଗ କ୍ଷଣେ ହେବ ଭଙ୍ଗ ବଦଳିବ ଢଙ୍ଗଢାଙ୍ଗ,
ସାରଙ୍ଗଧରଙ୍କ ଶରଣ ପଶିଲେ ହେବ ନାହିଁ ସ୍ୱପ୍ନ ଭଙ୍ଗ ।୬

*ଶିକ୍ଷକ, ପି ଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ,ଭଞ୍ଜନଗର, ଗଞ୍ଜାମ*
*ଭ୍ରାମ୍ୟଭାଷ- ୯୦୯୦୫୦୭୯୫୫*

# ଅଦେଖା ଲୁହ

*ସିଦ୍ଧେଶ୍ୱର ତ୍ରିପାଠୀ*



ଯିଏ ତୁମକୁ ଜନମ ଦେଲେ
ଏଡିଟିରୁ ଏଡୁଟିଏ କଲେ
ପାଠଶାଠ କେତେ ତୁମକୁପଢ଼ାଇ
ଜଗତ ଜିତା କରିଲେ।

ତାଙ୍କ ପାଇଁ ପାଇଲ ଏ ବୃତ୍ତି
ପରିଚୟ ଆଉ କୃତି
ହାତକୁ ଦିହାତ କରିଲେ ତୁମକୁ
ସୁଖି ହେବ ବୋଲି ଦିନ ରାତି ।

ତୁମେ ଭୁଲିଗଲ ପଛ କଥା
ତାଙ୍କ ହୃଦୟରେ ଦେଲ ବ୍ୟଥା
ଜରାଶ୍ରମ ଗଲେ ପିଅର ଜନନୀ
ଧନ୍ୟ ଧନ୍ୟ ତୁମର ବ୍ୟବସ୍ଥା ।

ଦିନେ ତୁମେ ବୁଢ଼ାବୁଢ଼ୀ ହେବ
ତୁମ ସାଥେ ଏମିତି ଘଟିବ
ରକତଟା ପର କଲେ କେତେ କଷ୍ଟ
ନିଶ୍ଚେ ସେବେ ବୁଝିଯିବ ।
ଲୋକ ଦେଖାଣିଆ

# ଅବ୍ୟକ୍ତ



ରବି ରାଉତ



ଆମେ ବସିଥିଲୁ। ସହଧର୍ମିଣୀ ରଶ୍ମୀ ଏବଂ ମୁଁ। ଆମର ଏକମାତ୍ର ସନ୍ତାନ ଝିଅ ଲୁସି ପଢୁଥିବା ସହରର ସମ୍ଭ୍ରାନ୍ତ ଅଭିଜାତ ବିଦ୍ୟାଳୟ ସ୍ୱାମୀ ବିବେକାନନ୍ଦ ଇଣ୍ଟରନ୍ୟାସ୍‌ନାଲ୍ ହାୟର ସେକେଣ୍ଡାରୀ ସ୍କୁଲର ସୁସଜ୍ଜିତ ପ୍ରତୀକ୍ଷା କକ୍ଷରେ। ପ୍ରିନ୍ସିପାଲଙ୍କ ଚ୍ୟାମ୍ବର ସଂଲଗ୍ନ ଏହି ପ୍ରତୀକ୍ଷା କକ୍ଷରେ ତାଙ୍କୁ ଭେଟିବାକୁ ଆସୁଥିବା ଅଭିଭାବକଙ୍କ ଠାରୁ ଆରମ୍ଭ କରି ପରିଚାଳନା କମିଟିର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଅଭିଭାବକ, ବହିରାଗତ ବ୍ୟକ୍ତିମାନଙ୍କୁ ପ୍ରଥମେ ଅପେକ୍ଷା କରିବାକୁ କୁହାଯାଏ। ପରେ ପ୍ରିନ୍ସିପାଲ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ କିମ୍ବା ପରିସ୍ଥିତି, ଆବଶ୍ୟକତା, ଆଗନ୍ତୁକଙ୍କର ଗୁରୁତ୍ୱ ଅନୁଯାୟୀ ତାଙ୍କ ପ୍ରକୋଷ୍ଠକୁ ଡକାଇଥାନ୍ତି।

ପ୍ରିନ୍ସିପାଲ ଜଣେ କଡା ମିଜାଜର ଅଣ ଓଡ଼ିଆ ଭଦ୍ର ମହିଳା। ଦୀର୍ଘବର୍ଷ ଧରି ବାଲେଶ୍ୱରରେ ରହିଲେଣି। ଏଠିକାର ପାଣିପବନ, ରୀତିନୀତି, ଚାଲିଚଳଣୀରେ ଅଭ୍ୟସ୍ତ ହୋଇଗଲେଣି। କିନ୍ତୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧକ୍ଷ ଭାବରେ ପ୍ରତିଟି ଆଚରଣ, ଉଚ୍ଚାରଣରେ ଇଂରାଜୀ ଆଦବ କାଇଦାର କିଛି ଝଲକ୍ ଦେଖିବାକୁ ମିଳେ। ତାଙ୍କ ପଛରେ ପିଲାମାନେ ତାଙ୍କୁ ଲେଡି ସିଂହମ୍, ସିଂହମ୍ ମାମ୍ ଡାକୁଛନ୍ତି ବୋଲି ଲୁସି କହୁଥିଲା। ଆମର ପାଳି କେତେବେଳେ ପଡିବ କେଜାଣି ? କ'ଣ ପାଇଁ ସିଂହମ୍ ମାମ୍ ଆମ ଦୁଇଜଣଙ୍କୁ ଜରୁରୀ ତଲବ କରିଛନ୍ତି । ଲୁସି ପାଠପଢାରେ କିଛି ବ୍ୟତିକ୍ରମ କରିଛି । ସ୍କୁଲରେ, କ୍ଲାସ୍ ରୁମ୍‌ରେ କୌଣସି ବିଶୃଙ୍ଖଳିତ ଆଚରଣ, କ୍ଲାସ୍‌ମେଟ୍‌ଙ୍କ ସହିତ କଳି ତକରାଳ, କ'ଣ ହୋଇପାରେ ଏଭଳି ଅସମୟ ଜରୁରୀ ସମନର କାରଣ ? ଆଜିକାଲି ପିଲାମାନଙ୍କର ମାନସିକତା ସହିତ ଖାପଖୁଆଇ ଚଳିବା, ଯୁଗ ପରିବର୍ତ୍ତନ ସହିତ ତାଳ ଦେଇ ନିଜକୁ ଝଅଟ ପାଲଟାଇ ଦେବା କ'ଣ ଏତେ ସହଜ ଓ ସରଳ? ଲୁସିର ବ୍ୟବହାରରେ କେମିତି ଏକ ବ୍ୟତିକ୍ରମ ହେଲା ଭଳି ମୋତେ କିଛି ଦିନ ହେବ ମନେ ହେଉଛି। ସେ ଆଗ ଭଳି ବେଳ ଅବେଳରେ ଡାଡି ଡାଡି ଡାକି ମୋ ବେକରେ ହାତ ଛନ୍ଦି ଓହଳି ପଡୁନି। ତା କଅଁଳ ଓଠରେ ମୋ ଗାଲରେ ଚିବୁକରେ ବୋକ ଦେଉନାହିଁ। ସପିଂମଲ, ଆଇସ୍‌କ୍ରିମ୍ ପାର୍ଲର ଯିବା, ଏପରିକି ଆମ ଛକ ବାୟା ଠେଲା ଗାଡିରୁ ଗୁପୁଚୁପୁ ଖାଇବା ପାଇଁ ଅଳି କରୁନି। ତାର ପ୍ରିୟ ଚିକେନ୍ ପକୋଡା, ମସ୍‌ରୁମ୍ କଟ୍‌ଲେଟ୍ ପାଇଁ ମମି ସହିତ କଳି କରୁନି। ବୋଧହୁଏ ପାଠପଢାର କ୍ରମବର୍ଦ୍ଧିଷ୍ଣୁ ଚାପ। ହୋମ୍ ଟାସ୍କ, ମନ୍ଥଲି, କ୍ୱାର୍ଟରଲି, ହାଫ୍‌ଇଅର୍‌ଲି ଏଗ୍‌ଜାମ୍, ପ୍ରାଇଭେଟ୍ ଟ୍ୟୁସନ୍, କୋଚିଂ, ଡ୍ରଇଂ, ଡ୍ୟାନ୍ସ କ୍ଲାସ୍। ଏତେ ଚାପ କ'ଣ ଆମ ଅଲିଅଳି, ଗେହ୍ଲି, କୁନି ଝିଅ ସମ୍ଭାଳି ପାରୁଥିବ ? ତାର କ୍ଲାନ୍ତ, ଝାଉଁଳା ମୁହଁକୁ ଦେଖିଲେ ମୁଁ ବିବ୍ରତ ହୋଇପଡୁଛି।

ରଶ୍ମୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ। ଛୋଟ ପରିପୂର୍ଣ୍ଣ ସଂସାର ଆମର। ଆମରି ଗାଆଁର ଝିଅ ରଶ୍ମୀ। କେମିତି କେଜାଣି ରଶ୍ମୀ ଭଲପାଉଥିଲେ ମୋତେ। ଜନ୍ମର କିଛି ଦିନ ମଧ୍ୟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ବାପା ମାଆଙ୍କୁ ହରାଇବା ପରେ ଆମ ଗାଆଁର ତାଙ୍କ ମାମୁଁ ଘରେ ସେ ବଡ ହୋଇଛନ୍ତି। ମାଆ, ବାପାଙ୍କର ଅଭାବ କ'ଣ ବୁଝିବାକୁ ଦେଇନାହାନ୍ତି ତାଙ୍କ ମାମୁଁ ମାଇଁ, ଅଜା, ଆଇ। କୌଣସି କଥାରେ ଊଣା କରିନାହାନ୍ତି। ଗାଆଁ ସ୍କୁଲ୍, ହାଇସ୍କୁଲ୍ ପଢା ପରେ ନୀଳଗିରି କଲେଜରୁ ଡିଗ୍ରୀ ଆଉ ତା'ପରେ ମୟୁରଭଞ୍ଜରୁ ବିଏଡ୍ ପଢିଛନ୍ତି। ସୌଭାଗ୍ୟକୁ ଶିକ୍ଷା ସହାୟକ ଭାବରେ ନିଯୁକ୍ତି ମିଳିଗଲା ତାଙ୍କୁ। ଛଅ ବର୍ଷ ପରେ ସ୍ଥାୟୀ ନିଯୁକ୍ତି ଆଉ ତା'ପରେ ଅନେକ କଷ୍ଟରେ ସହରତଳିର ସ୍କୁଲକୁ ତାଙ୍କର ବଦଳି। ଘରର ଯାବତୀୟ ଦାୟିତ୍ୱ ସାନଭାଇ ମାନଙ୍କୁ ସମର୍ପି ଦେଇ ଆମେ ଛୋଟ ନୀଡଟିଏ ବାନ୍ଧିଛୁ ସହର ଉପକଣ୍ଠର ନବସମ୍ଭୂତ ନଗର ନାମଧାରୀ ଏକ ଖାପଛଡା ସମ୍ପର୍କହୀନ କଲୋନୀରେ। ସାମାଜିକତା, ପ୍ରତିବେଶୀ ସୁଲଭ ଦାୟବଦ୍ଧତାରୁ ବହୁ ଉର୍ଦ୍ଧ୍ୱରେ ଆମର ଏହି ସହରତଳିରେ ଜମି ଦଲାଲ ଆଉ ବିଲ୍ଡରମାନଙ୍କ ଦ୍ୱାରା ଗଢିଉଠିଥିବା ନଗରର ବାସିନ୍ଦାମାନେ। ଦେଖାହେଲେ ହେଲେ ହାଏ ବାୟ ବାୟ। ଆଉ ସବୁ ଭଲ ? ଠିକ୍ ଠାକ୍ ଚାଲିଛି ତ ? ଏଭଳି ଅବାନ୍ତର ପ୍ରଶ୍ନ କେହି କେହି ପଚାରିଥାନ୍ତି। ସନ୍ଧ୍ୟା ପରେ ଯିଏ ଯାହା ନିବାସର ଚୌହଦୀରେ ବନ୍ଦୀ।

ପ୍ରିନ୍ସିପାଲଙ୍କ ଡାକରାର ପ୍ରତୀକ୍ଷା ମୋତେ ଧୈର୍ଯ୍ୟଚ୍ୟୁତ କରିଦେଉଛି। ମୋ ଭାବନାର ଖିଅ ଛିଣ୍ଡି ଯାଉଛି। ମୋ ବାପା ଆଉ ରଶ୍ମୀଙ୍କର ମାମୁଁ ବାଲ୍ୟ ବନ୍ଧୁ। ଆଜିଯାଏ ତାଙ୍କର ବନ୍ଧୁତ୍ୱ ଅତୁଟ ଅଛି। ରଶ୍ମୀଙ୍କୁ ଦେଖିଆସୁଛି ଛୋଟ ବେଳୁ। ଅଲରା କୁଞ୍ଚୁକଞ୍ଚିଆ ଚୂଳ, ନାକ କାନ୍ଦୁରୀ କାଳି ଝିଅଟିକୁ ଦେଖିଲେ ବେଜାଏ ଚିଡୁଥିଲି ମୁଁ। ମୋ ମାଆ କିନ୍ତୁ ତାକୁ ହୃଦୟ ଖୋଲି ଭଲପାଏ। ପର୍ବପର୍ବାଣୀ, ଭଲମନ୍ଦରେ ରଶ୍ମୀର ସର୍ବବିଦ୍ୟମାନ ଉପସ୍ଥିତି ଆମ ଘରେ। ମାଆର ପଣତ କାନିକୁ ଧରି ଏ ଘରୁ ସେ ଘର ଘୂରି ବୁଲୁଥିବ। ଥରେ ମଜାରେ ମାଆ ରଶ୍ମୀକୁ ଆମ ଘରକୁ ବୋହୂ କରି ଆଣିବ ବୋଲି ତା' ମାମୁଁଙ୍କୁ ପ୍ରସ୍ତାବ ଦେଇଥିଲା। ମୋ ଅଧା ପାଠୋଇ ମାଆର ଏଭଳି ଉଦ୍ଭଟ ଚିନ୍ତା ବିରୁଦ୍ଧରେ ରୀତିମତ ଯୁଦ୍ଧ ଘୋଷଣା କରିଦେଲି। ସେଇ ତ୍ରିପଣ୍ଡ କାଳୀ, ସିଂଘାଣୀ ନାକୀ ବାପା ମାଆ ଛେଉଣ୍ଡ ଝିଅକୁ ମୁଁ ଜନ୍ମା ବାହା ହେବିନି। ହେଲେ ନିଜ ଜିଦ୍‌ରେ ସଦା ସର୍ବଦା ଅଟଳ, ଅଚଳ ମୋ ମାଆ କ'ଣ ମାନିବା ଜନ୍ତୁ। କହିଲା, ଆବେ ଶୁଣ ମୋର ଏ ଶେଷ କଥା। ମୋ ନିଷ୍ପତ୍ତି ଉପରେ ତୋ ବାପା ଦିନେ ପ୍ରଶ୍ନ କରିନାହାନ୍ତି। ଆଉ ତୁ ମେଞ୍ଚଡ ଟୋକା ତୋର ଏତେ ବହପ ଦଶମାସ ଗର୍ଭରେ ଧରି, ଅନ୍ତ ଫାଡି ତୋତେ ଜନ୍ମ ଦେଇଛି। ଆଖିରୁ ଦୁଇ ବୁନ୍ଦା ଲୁହ ଝରାଇ କହିଲା, କେବେ ଆଇନାରେ ନିଜ ମୁହଁ ଦେଖିଛୁ ? ଖୋଲା ଦେହରେ ନିଜକୁ ପରଖିଛୁ ? ତୋର ପୁଣି କାଳି ଗୋରୀ ଝିଅର ତୁଳନା ? ଭାଗ୍ୟ ଭଲ ତା ମାମୁଁ କହିଛନ୍ତି ଆଉ ନିଜେ ରଶ୍ମୀ ଏ ପ୍ରସ୍ତାବରେ ରାଜି। ହତବାକ୍ ହୋଇଗଲି ମୁଁ। ମୋ ଆଖିରେ ଆଙ୍ଗୁଠି ଗେଞ୍ଜି ମୋ ଜନ୍ମଦାତ୍ରୀ ମୋତେ ନିପଟ ବାସ୍ତବତାକୁ ଚିହ୍ନେଇଦେଲା।

ତାପରର ଘଟଣାରେ ଖୁବ୍ ବେଶି ନାଟକୀୟତା ନାହିଁ। ନୀଳଗିରି କଲେଜ ଛାତ୍ରୀ ରଶ୍ମୀ ହଠାତ୍ ଦିନେ ଆମ ଘରେ ପହଞ୍ଚି ମୋ ସହିତ ନିରୋଳାରେ କଥା ହେବ ବୋଲି କହିଲା। ସେ କହିଲା ଆଉ ମୁଁ ମନ୍ତ୍ର ମୁଗ୍ଧ ଅନୁରକ୍ତିରେ ଶୁଣିଲି ଆଉ ଶୁଣିଲି। ମୋ ମାଆ ଆଉ ତାର ସ୍ୱର୍ଗବାସିନୀ ମାଆ ଥିଲେ ସହପାଠିନୀ ଓ ଅଭିନ୍ନ ହୃଦୟ ଘନିଷ୍ଠ ବାନ୍ଧବୀ। ତା ମାଆଙ୍କୁ ହରାଇ ମୋ ମାଆ ଠାରେ ସେ ତାର ମାଆକୁ ଖୋଜି ପାଇଛି। ନିଜ ଝିଅ ପରି ସବୁ ସ୍ନେହ ଶ୍ରଦ୍ଧା ସେଇ ମମତା ରଙ୍କୁଣୀ ଝିଅକୁ ଅଜାଡି ଦେଇଛି ମାଆ। ତାର ଇଚ୍ଛା ଅନିଚ୍ଛା ଦ୍ୱିଧାର ପ୍ରଶ୍ନ ନାହିଁ। ସେ ବାହା ହେବ ତ କେବଳ ମୋତେ। ସେ ଦିନ ଅଜାଣତରେ ଲୁହ ଛଳଛଳ ଆଖି କୋହଭରା କଣ୍ଠରେ ମୋତେ ଢେର୍ ବେଶି ଭଲ ପାଇବାର କୁଳୁକୁଳୁ ଝରଣାରେ ଉବୁଟୁବୁ କରିଦେଇଥିବା ନିପଟ କାଳୀ ଝିଅ ରଶ୍ମୀ ଅନିନ୍ଦ୍ୟ ସୁନ୍ଦରୀ ଅପସରାଟିଏ ପରି ମନେ ହୋଇଥିଲା। ବାସ୍ ଆମେ ଭଲ ପାଇଲୁ ଆଉ ବାହା ହୋଇଗଲୁ।

ଘରକରଣା ଠାରୁ ଆରମ୍ଭ କରି ଦାମ୍ପତ୍ୟ, ପତିପତ୍ନୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ସବୁଥିରେ ରଶ୍ମୀ ଆଗରେ। ଆମ ଛୋଟ ସଂସାରର ସର୍ବମୟ କର୍ତ୍ତୀ ସେ। ତାଙ୍କ ଇଚ୍ଛା ଅନିଚ୍ଛା ଆମ ପରିବାର ପାଇଁ ଲକ୍ଷ୍ମଣ ରେଖା। ସେ ଚାହୁଁଥିଲେ ଝିଅ ସରକାରୀ ସ୍କୁଲରେ ପଢୁ। ପ୍ରତିଦିନ ମାଆ ସହିତ ସ୍କୁଲକୁ ଯିବ ଓ ସାଂଗରେ ଫେରିବ। ତାର ପାଠ ପଢାର ସବୁ ଦାୟିତ୍ୱ ରଶ୍ମୀ ନେବେ। ମୁଁ କିନ୍ତୁ ଜିଦ୍ ଧରିଲି ଭଲ ଇଂଲିଶ ମିଡିୟମ୍ ସ୍କୁଲ୍‌ରେ ଝିଅ ପଢିବ। ବଡ ହେଲେ ଆଇଏଏସ୍, ଆଇପିଏସ୍ କିମ୍ବା ଆଇଆଇଟିଆନ୍‌ଟେ ହେବ। କେବଳ ଭଲ ଇଂରାଜୀରେ କମ୍ୟୁନିକେଟ୍ କରିପାରୁନାହାନ୍ତି ବୋଲି ଅନ୍ୟମାନଙ୍କ ତୁଳନାରେ ପ୍ରଖର ଜ୍ଞାନ ବୁଦ୍ଧି ଥାଇ ମଧ୍ୟ ଓଡ଼ିଆ ପିଲା ଅଲଇଣ୍ଡିଆ କମ୍ପିଟେଟିଭ୍ ପରୀକ୍ଷାରେ ସଫଳ ହେଉନାହାନ୍ତି। ଆମ ଝିଅର କ୍ୟାରିୟର୍ ଆରମ୍ଭରୁ ଗଢିବା। ଶେଷରେ ରାଜି ହୋଇଗଲେ ରଶ୍ମୀ। ଝିଅ ପଢିଲା ସବୁଠୁ ଭଲ ସ୍କୁଲରେ।

କାହିଁକି କେଜାଣି ଏବେ ଝିଅର କ୍ଲାନ୍ତ ବିଷର୍ଣ୍ଣ ମୁହଁ ଦେଖି ଆଜିକାଲି ଅଧିକ ଦୁଃଖୀ ହୋଇଯାଉଛନ୍ତି ରଶ୍ମୀ। ସ୍କୁଲରେ ପାଠ ପଢାଇବା ସହିତ ସେନ୍‌ସସ୍, ଏସ୍‌ଆଇଆର୍, ମିଡ୍ ଡେ ମିଲ୍, ଅନ୍ୟାନ୍ୟ ବହୁ ଅଣ ଶିକ୍ଷକୀୟ କାର୍ଯ୍ୟର ଚାପ, ବାଧ୍ୟବାଧକତା ତାଙ୍କୁ ଭାରାକ୍ରାନ୍ତ କରିଦେଉଛି। ଆଗଭଳି ତାଙ୍କ ମୁହଁରେ ପ୍ରାଣୋଚ୍ଛଳ ହସ ନାହିଁ। ଆବେଗ ସରାଗରେ ଊଣା । କିପରି ଏକ ନିର୍ଲିପ୍ତ ନିରାସକ୍ତ ଆଚରଣ । ପତି ପତ୍ନୀଙ୍କ ନିବିଡ ବନ୍ଧନରେ ଭଟ୍ଟା ପଡିଗଲା ପରି ଲାଗୁଛି। ଆମର ଘନିଷ୍ଠ ମୁହୂର୍ତ୍ତ ସବୁ ଯନ୍ତ୍ରବତ୍। ଅଥଚ ପ୍ରେମ ପ୍ରଣୟରେ ସେ ଥିଲେ ଅଗ୍ରଗଣ୍ୟା। କେତେ ବିନିଦ୍ର ରଜନୀ, କେତେ ମଧୁର ନିବିଡ ସାନିଧ୍ୟରେ ଭରି ଉଠୁଥିଲା ଆମ ଅନ୍ତରଙ୍ଗ ମୁହୂର୍ତ୍ତମାନ। ତାଙ୍କ ଉଲ୍ଲସିତ କୋମଳ ନମ୍ର ସମର୍ପଣରେ ବିଭୋର ହୋଇଯାଉଥିଲି ମୁଁ। ଏବେ କିନ୍ତୁ ସବୁଥିରେ ଅନୀହା, ଅନିଚ୍ଛା ତାଙ୍କର। ଅନେକ ବାଧ୍ୟବାଧକତାରେ ତାଙ୍କର ସମ୍ମତି ଓ ନିରୁତ୍ତାପ ସାନିଧ୍ୟ। କ'ଣ ଯେ ହୋଇଛି ତାଙ୍କର ? ମୁଁ ବୁଝିପାରୁନାହିଁ। ସେ ଉଦାସ ବିଷର୍ଣ୍ଣ। ଆଉ ଆତ୍ମଗ୍ଳାନିରେ ଅହରହ ମ୍ରିୟମାଣ, ଦଗ୍ଧପ୍ରାଣ ମୁଁ ଅଧମ।

ଏତେ ସମୟ ଧରି ବସିଛୁ ଅଥଚ ରଶ୍ମୀ ଥରୁଟିଏବି ପାଟି ଖୋଲିନାହାନ୍ତି। ନା ଶେଷରେ ଆମ ପାଳି ପଡିଲା। ଆମ ମୁହଁକୁ କିଛି ମୁହୂର୍ତ୍ତ ପାଇଁ ଦେଖିବା ପରେ ପ୍ରିନ୍ସିପାଲ ମାମ୍ ବସିବାକୁ କହିଲେ। ଅର୍ଡରଲିକୁ ବାହାରକୁ ଯିବା ପାଇଁ ଓ ଆମେ ଦୁଇଜଣ ତାଙ୍କ ଚ୍ୟାମ୍ବରରୁ ବାହାରକୁ ନଯିବା ପର୍ଯ୍ୟନ୍ତ କାହାରିକୁ ଭିତରକୁ ନଛାଡିବା ପାଇଁ କଡ଼ା ନିର୍ଦ୍ଦେଶ ଦେଲେ। ଆମ ମୁହଁକୁ ଚାହିଁ କହିଲେ, ମିଷ୍ଟର୍ ଆଣ୍ଡ ମିସେସ୍ ରାଉତ। କୌଣସି ପ୍ରକାରର ଫର୍ମାଲିଟିଜ୍ ନରଖି ଯାହା କହୁଛି ଶୁଣନ୍ତୁ। ଆପଣମାନେ ସମାଜର ଜଣେ ଜଣେ ରେସ୍‌ପେକ୍ଟେବ୍‌ଲ୍, ହାଇଲି ରେସ୍‌ପନ୍ସିବ୍‌ଲ୍ ସିଟିଜେନ୍, କେୟାରିଂ ପ୍ୟାରେଣ୍ଟସ୍। ଅର୍ଡିନାରି ସିଟିଜେନ୍, ସାଧାରଣ ଦାୟିତ୍ୱବୋଧହୀନ ନାଗରିକ ନୁହନ୍ତି। ଆମ ସମାଜ ଆପଣମାନଙ୍କ ଠାରୁ ଅନେକ କିଛି ଆଶା କରେ। ସମାଜ ପ୍ରତି ଆପଣମାନଙ୍କର ଆକାଉଣ୍ଟେବିଲିଟି, ଉତ୍ତର ଦାୟିତ୍ୱ ଅଛି କି ନାହିଁ ? ଆପଣ ଦୁଇଜଣ ମ୍ୟାଚ୍ୟୁରର୍ଡ କପୁଲ୍। ଦାମ୍ପତ୍ୟ ଜୀବନର ବେଶ୍ କିଛି ବର୍ଷ ଅତିକ୍ରମ କରିସାରିଲେଣି। ହାଓ ଆର୍ ୟୁ ସଚ୍ ଇରେସ୍‌ପନ୍ସିବ୍‌ଲ୍ ? ଏତେ ଦାୟିତ୍ୱହୀନ ଏ ବୟସରେ ହେଉଛନ୍ତି କିପରି ?

ଆମେ ଦୁଇଜଣ ନିର୍ବାକ୍, ସ୍ତବ୍ଧ, ହତବାକ୍ ହୋଇଯାଇଛୁ। କ'ଣ ଏସବୁ ବାଚାଳଙ୍କ ଭଳି କହି ଯାଉଛନ୍ତି ମାଡାମ୍। ଆମର ଦୋଷ କ'ଣ ? ତଳକୁ ମୁହଁ ପୋତି ବସିଛନ୍ତି ରଶ୍ମୀ। ପ୍ରିନ୍ସିପାଲ୍ କହିଲେ ମିସେସ୍ ରାଉତ ଆପଣ ଜଣେ ଶିକ୍ଷକ। ଛୋଟ ପିଲାଙ୍କର ଅତି କୋମଳ ମନରେ କୌଣସି ଅବାଞ୍ଛିତ ଘଟଣାର କୁପ୍ରଭାବ କେତେ ଗଭୀର ଆଘାତ ଦିଏ ? ତାର ସରଳ ନିଷ୍କପଟ ନମନୀୟ ମାନସିକତା ଫୁଲ ପରି କୋମଳ ହୃଦୟକୁ ଧ୍ୱସ୍ତ ବିଧ୍ୱସ୍ତ କରିଦିଏ ନା ନାହିଁ ? ବିବାହିତ ପୁରୁଷ ନାରୀଙ୍କ ମଧ୍ୟରେ ଦାମ୍ପତ୍ୟ ମିଳନ, ସେକ୍ସୁଆଲ୍ ରିଲେସନ୍‌ଶିପ୍ ବୈଧ ଅପରିହାର୍ଯ୍ୟ। କେହି ସେଥିରେ ପ୍ରଶ୍ନ ଉଠାଇବେ ନାହିଁ। ମାତ୍ର ସେଥିପାଇଁ କିଛି ନୈତିକ ସାମାଜିକ କଟକଣା ଅଛି। ଯାହା କିଛି ହେବ ଅନ୍ୟର ଦୃଷ୍ଟି ଆଢୁଆଳରେ। ସଂଯମତା ରକ୍ଷା ସହିତ। ଅଥଚ ଆପଣମାନେ କୁନି ଝିଅଟିର ଆଖି ସାମ୍ନାରେ। ଶାଳୀନତା, ସମ୍ଭ୍ରମତାର ସୀମା ସରହଦ ଲଂଘିଗଲେ। ଆପଣମାନଙ୍କର ଶାରୀରିକ ସମ୍ପର୍କ, ଯୌନ ମିଳନର ଦୃଶ୍ୟକୁ ଦେଖି ଝିଅ ଆସି ତାର କ୍ଲାସ୍‌ମେଟ୍‌ଙ୍କ ପାଖରେ ବଖାଣୁଛି। ସେମାନେ ଏକଥା ତାଙ୍କ ଘରେ କହୁଛନ୍ତି। କେତେଜଣ ଗାର୍ଡିଆନ୍ ତ ଲୁସିକୁ ସ୍କୁଲ୍‌ରୁ ରଷ୍ଟିକେଟ୍ କରିଦେବା, ବାଧ୍ୟତାମୂଳକ ଟିସି ଦେବା ପାଇଁ ଦାବି କରିଛନ୍ତି, ପରାମର୍ଶ ଦେଇଛନ୍ତି। କେବଳ ମୁଁ କିଛି ଦିନ ସମୟ ନେଇଛି। ଆପଣମାନଙ୍କର ଆଚରଣ ସଭ୍ୟ ମଣିଷ ଭଳି ହେଉ। ପଶୁ ତୁଲ୍ୟ ନୁହେଁ। ଏଭଳି ନିନ୍ଦନୀୟ ଘଟଣା, ଘୃଣ୍ୟ ଆଚରଣ ଆମ ଅନୁଷ୍ଠାନର ସମ୍ମାନ ପ୍ରତିଷ୍ଠାକୁ ତଳିତଳାନ୍ତ କରିଦେବ। ଏହା ମୋର ପ୍ରଥମ ଓ ଚୂଡାନ୍ତ ଚେତାବନି। ଦ ଫାଇନାଲ୍ ୱାର୍ଣ୍ଣିଂ।

ପଥର ମୂର୍ତ୍ତି ପାଲଟି ଯାଇଛନ୍ତି ରଶ୍ମୀ। ମୋ ପାଦ ତଳୁ ମାଟି ଖସି ଖସି ଯାଉଛି। ଶୋଷରେ ତଣ୍ଟି ଶୁଖି ଯାଉଥିଲା। ଆମ ଦୈହିକ ମିଳନର ଦୃଶ୍ୟକୁ ଆମ ଝିଅ ଦେଖିଛି। ଛି ଛି ଯା ଠାରୁ ଲଜ୍ୟା ଘୃଣାର ବିଷୟ ଆଉ କିଛି ଅଛି ? ଧିକ୍ ଶତ ଧିକ୍ ଆମକୁ। ଏଭଳି ଜଘନ୍ୟ ଜୀବନ ଜୀଇଁବା ଠାରୁ ବରଂ ମୃତ୍ୟୁ ଶତ ଗୁଣ ଶ୍ରେୟସ୍କର। ପାଟିରେ ପଣତ କାନି ଭରିଦେଇ ନିଃଶବ୍ଦରେ ଅବିରତ କାନ୍ଦୁଛନ୍ତି ରଶ୍ମୀ।

କୌଣସି ପ୍ରକାରରେ ଟାଣି ଓଟାରି ତାଙ୍କୁ ଘରକୁ ଆଣିଲି। ସବୁ ଦୋଷ ମୋର। ଅନିଚ୍ଛୁକ ରଶ୍ମୀଙ୍କ ପ୍ରତି କେତେ ଥର ବଳ ପ୍ରୟୋଗ କରିବାକୁ ପଛେଇନାହିଁ। ଝିଅ ନିଘୋଡ ନିଦରେ ଶୋଇଛି। ଏଇ ବଦ୍ଧମୂଳ ଧାରଣା ଥିଲା ମୋର। ଝିଅ ସବୁ ଦେଖିଛି। କ'ଣ ସବୁ ନିକୃଷ୍ଟତମ, ଜଘନ୍ୟ ଧାରଣା ସୃଷ୍ଟି ହୋଇଥିବ ତା' ନିଷ୍ପାପ ହୃଦୟରେ। ଆମକୁ ଦେବତାଙ୍କ ଆସନରୁ ଓହ୍ଲାଇ ଆଣି କିମ୍ଭୂତକିମାକାର ପ୍ରାଗୈତିହାସିକ ପ୍ରାଣୀ ବୋଲି ଭାବିଥିବ ସେ । ତାର ବାଲ୍ୟକାଳର ଗହମ ରଙ୍ଗର ସୁନା ସକାଳକୁ ଭାଙ୍ଗିଦେଇ ଧୂ ଧୂ ନିଦାଘ ଖରାବେଳ କରିଦେଲୁ ଆମେ ?

ଘରେ ପହଞ୍ଚିବା ପରେ ମୁଣ୍ଡ ପିଟି ବାହୁନି ବାହୁନି କାନ୍ଦୁଥିଲେ ରଶ୍ମୀ। ନିଜକୁ କି ଶାସ୍ତି ଦେବି ଚିନ୍ତା କରୁଥିଲି ମୁଁ। ଲୁସିକୁ ଆମେ ମୁହଁ ଦେଖାଇ ପାରିବା ତ ? ତା ଆଖିରେ ଆଖି ମିଶାଇ ତାକୁ ଦେଖିପାରିବା ? ରଶ୍ମୀଙ୍କୁ କ'ଣ କହି ପ୍ରବୋଧନା ଦେବି ?

ଠିକ୍ ସେତିକି ବେଳେ ଆମ ଫାଟକ ସାମ୍ନାରେ ସ୍କୁଲ୍ ବସ୍ ଅଟକିଲା। ଅନ୍ୟ କେତେଜଣ ପିଲାଙ୍କ ସହିତ ବସ୍‌ରୁ ଓହ୍ଲାଇବା ପରେ ଲୁସି ଗେଟ୍ ଖୋଲି ଘରକୁ ଆସୁଥିଲା। ମୁଁ ଏବେ କ'ଣ କରିବି ? ମୋତେ ହୃଦ୍‌ଘାତ ହୋଇଯିବ କି ? ରଶ୍ମୀ କ'ଣ ଲଜ୍ୟା, ଗ୍ଳାନିବୋଧରେ ଆତ୍ମହତ୍ୟା କରିଦେବେ ? ମୋତେ ଦେଖି ଝିଅ ଦୌଡି ଆସିଲା ଆଉ ସ୍କୁଲ୍ ବ୍ୟାଗକୁ ଫିଙ୍ଗି ଦେଇ ବେକରେ ହାତ ଛନ୍ଦି ଓହଳି ପଡିଲା। ମୋ ଟାଉଁସିଆ ଗାଲରେ ବୋକ ଦେଇ କହିଲା, ଡାଡି ତମେ ବ୍ୟାଡ୍ ବୟ। ସେଭିଂ ହେଉନ। ଦାଢି ଫୋଡି ହୋଇଗଲା। ମମି କାହିଁ ? ପ୍ରବଳ ଭୋକ। ଆସ ତମେ, ମମି ଆଉ ମୁଁ ସାଙ୍ଗ ହୋଇ ଖାଇବା ।

ଦ୍ୱାର ସେପାଖରେ କାଠ ହୋଇ ଛିଡା ହୋଇଥିଲେ ରଶ୍ମୀ।

*ବାହାଳ,ବାଲେଶ୍ୱର- ୭୫୬୦୬୦*
*ମୋ-୯୪୩୮୩୨୨୨୧୪/*
*୭୩୨୮୦୩୫୯୬୬*

# ଭିଏତ୍‌ନାମ ଓପନ୍ : ମାଳବିକାଙ୍କୁ ହରାଇ ସେମିରେ ତନ୍ୱୀ



**ଏନ୍‌ଗୁଏ ଷ୍ଟ୍ରିଟ୍**

ଏଠାରେ ଚାଲିଥିବା ଭିଏତ୍‌ନାମ ଓପନ୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ୩ ଭାରତୀୟ ମହିଳା ଖେଳାଳି ଶୀର୍ଷ ମାନ୍ୟତା-ପ୍ରାପ୍ତ ତନ୍ୱୀ ଶର୍ମା, ତୃତୀୟ ମାନ୍ୟତାପ୍ରାପ୍ତ ଈଶାରାଣୀ ବରୁଆ ଓ ରକ୍ଷିତା ଶ୍ରୀ ସନ୍ତୋଷ ରାମରାଜ (ଷଷ୍ଠ) ପ୍ରବେଶ କରିଛନ୍ତି। ତନ୍ୱୀ ଶର୍ମା ୨୧-୧୮, ୧୫-୨୧, ୨୧-୧୪ରେ ନିଜ ସାଥୀ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱର ୨୭ ନମ୍ବର ମାଳବିକା ବଂଶୁଦଙ୍କୁ ହରାଇଥିଲେ।

ସେମିଫାଇନାଲ୍‌ରେ ତନ୍ୱୀ ଥାଇଲାଣ୍ଡର ସରୁନରାକ୍ ଭିତିଦ୍ ?ସର୍ନଙ୍କୁ ଭେଟିବେ। ସେହିଭଳି ଈଶାରାଣୀ ୨୧-୧୫, ୨୧-୧୮ରେ ଚାଇନିଜ୍ ତାଇପେଇର ହୁଆଙ୍ଗ ଚିଙ୍ଗ ପିଙ୍ଗ୍‌ଙ୍କୁ ମାତ୍ ଦେଇଥିଲେ। ସେମିଫାଇନାଲ୍‌ରେ ସେ ରକ୍ଷିତା ଶ୍ରୀଙ୍କୁ ଭେଟିବେ। ରକ୍ଷିତା ୨୧-୧୨, ୨୧-୧୦ରେ ଆଉ ଜଣେ ଭାରତୀୟ ଖେଳାଳି ମାନସୀ ସିଂହଙ୍କୁ ପରାସ୍ତ କରିଥିଲେ। ତେବେ ମିଶ୍ରିତ ଯୁଗଳରେ ଭାରତୀୟ ଯୋଡ଼ି ବିମଳରାଜ ଆନ୍ନାଦୁରାଇ ଓ ଶ୍ରେୟା ବାଲାଜୀ ୧୨-୨୧, ୧୧-୨୧ରେ ଇଣ୍ଡୋନେସିଆର ଫୁଓ୍ୱାନାତ ହୋର୍ବାନଏଉଏକିତ୍ ଓ ଫୁଙ୍ଗଫା କୋର୍ପଥାମାକିତ୍‌ଙ୍କଠୁ ହାରି ବିଦାୟ ନେଇଛନ୍ତି।

## ହକି ଜୁନିୟର ଏସିଆ କପ୍

# ମାଲେସିଆକୁ ୩-୧ ଗୋଲରେ ପରାସ୍ତ କରି ଫାଇନାଲରେ ଭାରତ

**ମୋକି**

ଭାରତୀୟ ଜୁନିୟର ପୁରୁଷ ହକି ଦଳ ଜୁନିୟର ଏସିଆ କପ୍ ୨୦୨୬ର ଫାଇନାଲରେ ନିଜର ସ୍ଥାନ ପକ୍କା କରିନେଇଛି। ଶୁକ୍ରବାର ଦିନ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଭାରତ ମାଲେସିଆକୁ ୩-୧ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହିତ ଭାରତୀୟ ଦଳ ନିଜର ଚାମ୍ପିଅନ୍ ଆଖ୍ୟା ବଜାୟ ରଖିବା ଦିଗରେ ଏକ ମଜଭୁତ ପଦକ୍ଷେପ ନେଇଛି।

ପାଞ୍ଚ ଥରର ଚାମ୍ପିଅନ୍ ଭାରତ ପକ୍ଷରୁ ଅଧିନାୟକ ଅନମୋଲ ଏକ୍କା ଚମତ୍କାର ପ୍ରଦର୍ଶନ କରି ଦୁଇଟି ଗୋଲ୍ ଦେଇଛନ୍ତି। ଅନ୍ୟପଟେ ସୁଖବିନ୍ଦର ମଧ୍ୟ ଦଳ ପାଇଁ ଗୋଟିଏ ଗୋଲ୍ ସ୍କୋର କରିଛନ୍ତି। ମାଲେସିଆ ପକ୍ଷରୁ ଏମ୍. ରାହୁଲ୍ ଏକମାତ୍ର ଗୋଲ୍ କରିବାରେ ସଫଳ ହୋଇଥିଲେ। ବର୍ତ୍ତମାନ ଫାଇନାଲରେ ଭାରତର ମୁକାବିଲା ପାକିସ୍ତାନ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲର ବିଜେତା ସହ ହେବ।



ଭାରତୀୟ ଜୁନିୟର ପୁରୁଷ ଦଳ ଏଏଚ୍‌ଏଫ୍ ଜୁନିୟର ଏସିଆ କପ୍ ୨୦୨୬ ରେ ଯାତ୍ରା ବର୍ତ୍ତମାନ ପର୍ଯ୍ୟନ୍ତ ଚମତ୍କାର ରହିଛି। ଟୁର୍ଣ୍ଣାମେଣ୍ଟର ପୁଲ୍-ଏ ଥିବା ଭାରତର ପ୍ରଦର୍ଶନର ଅନୁମାନ ଏହି କଥାରୁ ଲଗାଯାଇପାରେ ଯେ, ଦଳ ତିନିଟି ବିଜୟ ଏବଂ ଗୋଟିଏ ଡ୍ର ସହିତ ଶୀର୍ଷ ସ୍ଥାନରେ ରହିଛି। ଅନ୍ୟପଟେ ଦକ୍ଷିଣ କୋରିଆ ଜାପାନକୁ ୩-୨ ଗୋଲରେ ପରାସ୍ତ କରି ନଅ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ହାସଲ କରିଛି ଏବଂ ସେମିଫାଇନାଲରେ ନିଜ ସ୍ଥାନ ପକ୍କା କରିଛି।

ଏହି ମ୍ୟାଚରେ ଗୋଲକିପର ବିବେକ ଲାକ୍ରା ଭାରତୀୟ ଗୋଲ୍ ପୋଷ୍ଟ ସାମ୍ନାରେ ଏକ ମଜଭୁତ ପ୍ରାଚୀର ଭଳି ଠିଆ ହୋଇଥିଲେ ଏବଂ ଏକ ପେନାଲ୍ଟି ଷ୍ଟ୍ରୋକ୍ ରୋକିବା ସହ ଅନେକ ଚମତ୍କାର ସେଭ୍ କରିଥିଲେ। ଏଥି ପାଇଁ ତାଙ୍କୁ ‘ପ୍ଲେୟାର ଅଫ୍ ଦି ମ୍ୟାଚ୍’ ଭାବେ ଚୟନ କରାଯାଇଛି।

କହି ରଖୁଛୁ ଯେ ଏଏଚ୍‌ଏଫ୍ ଜୁନିୟର ଏସିଆ କପ୍ ?ରେ ଭାରତୀୟ ଜୁନିୟର ପୁରୁଷ ହକି ଦଳ ପୁଲ୍-ଏ’ର ଶେଷ ମୁକାବିଲାରେ ଚାଇନିଜ୍ ତାଇପେଇକୁ ୧୫-୦ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତ ପକ୍ଷରୁ ଅଧିନାୟକ ଅନମୋଲ ଏକ୍କା ଚମତ୍କାର ପ୍ରଦର୍ଶନ କରି ଏକାକୀ ୬ଟି ଗୋଲ୍ ଦେଇଥିଲେ।

# ବାଳିକା ଯୁଗଳ ସେମିରେ ମାୟା



**ନ୍ୟୁୟର୍କ :**

ଭାରତୀୟ ଟେନିସ୍ ଖେଳାଳି ମାୟା ରାଜେଶ୍ୱରନ୍ ରେବତୀ ଚଳିତ ୟୁଏସ୍ ଓପନ୍ କନିଷ୍ଠ ପ୍ରତିଯୋଗିତାର ବାଳିକା ଯୁଗଳ ସେମିଫାଇନାଲ୍‌ରେ ପ୍ରବେଶ କରି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ମାୟା ଓ ତାଙ୍କ ୟୁକ୍ରେନ୍ ସାଥୀ ଆଣ୍ଟୋନିନା ସୁଶକୋଭା ୬-୪, ୬-୪ ସିଧାସଳଖ ସେଟ୍‌ରେ ଚତୁର୍ଥ ମାନ୍ୟତାପ୍ରାପ୍ତ ରୁଷୀୟ ଯୋଡ଼ି ଫେଲିସ୍ତାତା ଡୋରୋଫିଭା-ରିବାସ୍ ଓ ଆନ୍ନା ପୁଶକାରେଭାଙ୍କୁ ପରାସ୍ତ କରିଥିଲେ।

# ବିନେଶ ଫୋଗାଟ୍ ଦେଇପାରିବେନି ବିଶ୍ୱ ଚାମ୍ପିଅନସିପ୍ ପାଇଁ ଟ୍ରାଏଲ୍ : ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ**

ବିନେଶ ଫୋଗାଟଙ୍କୁ ଦିଲ୍ଲୀ ହାଇକୋର୍ଟ ଏକ ବଡ଼ ଝଟ୍‌କା ଦେଇଛନ୍ତି। ଫୋଗାଟ୍ ୧୪ ସେପ୍ଟେମ୍ବରରେ ଦିଲ୍ଲୀରେ ହେବାକୁ ଥିବା ସିନିୟର ଓ୍ୱାର୍ଲ୍ଡ ରେସଲିଂ ଚାମ୍ପିଅନସିପ୍ ଚୟନ ପାଇଁ ଟ୍ରାଏଲ୍ ଦେଇପାରିବେ ନାହିଁ। ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଟ୍ରାଏଲ୍‌ରେ ଓହ୍ଲାଇବା ପାଇଁ ଅନ୍ତରୀଣ ଆଶ୍ୱସ୍ତି ଦେବାକୁ ମନା କରିଦେଇଛନ୍ତି। ଗୁରୁବାର ରାତିରେ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମା ବିନେଶଙ୍କ ସେହି ଆବେଦନକୁ ଖାରଜ କରିଦେଇଛନ୍ତି, ଯେଉଁଥିରେ ସେ ଅନ୍ତରୀଣ ଆଶ୍ୱସ୍ତି ମାଗିଥିଲେ।

କୋର୍ଟ ନିଜ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି ଯେ ୭ ସେପ୍ଟେମ୍ବର ୨୦୨୬ ର ସର୍କୁଲାରରେ ସ୍ଥିର କରାଯାଇଥିବା ମାପଦଣ୍ଡ ସମସ୍ତଙ୍କ ପାଇଁ ସମାନ ଭାବେ ଲାଗୁ ରହିବ। ଯଦି କୌଣସି ଖେଳାଳି ନିର୍ଦ୍ଧାରିତ ଇଭେଣ୍ଟରେ ଭାଗ ନିଅନ୍ତି ନାହିଁ, ତେବେ ସେ ରେସଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ଡବ୍ଲୁଏଫଆଇ)ର ନିର୍ଦ୍ଧାରିତ




ଯୋଗ୍ୟତା ଶ୍ରେଣୀଭୁକ୍ତ ହେବେ ନାହିଁ। ଏହିପରି ଭାବେ ବିନେଶଙ୍କ ଅନ୍ତର୍ଜାତୀୟ କୁସ୍ତିକୁ ପ୍ରତ୍ୟାବର୍ତ୍ତନ କରିବାର ପ୍ରୟାସକୁ ଏକ ବଡ଼ ଝଟ୍‌କା ଲାଗିଛି।

୭ ସେପ୍ଟେମ୍ବରରେ ୨୦୨୬ ସିନିୟର ଓ୍ୱାର୍ଲ୍ଡ ରେସଲିଂ ଚାମ୍ପିଅନସିପ୍ ଟ୍ରାଏଲ ପାଇଁ ସର୍କୁଲାର୍ ଜାରି କରାଯାଇଥିଲା। ନିୟମ ଅନୁଯାୟୀ ନିର୍ଦ୍ଧାରିତ ଟୁର୍ଣ୍ଣାମେଣ୍ଟଗୁଡ଼ିକରେ ମେଡାଲ୍ ଜିତିଥିବା ଖେଳାଳି, ନ୍ୟାସନାଲ୍ କୋଚିଂ କ୍ୟାମ୍ପରେ ଭାଗ ନେଇଥିବା ଖେଳାଳି ଏବଂ ୨୦ ବର୍ଷରୁ କମ୍ ଓ୍ୱାର୍ଲ୍ଡ ଚାମ୍ପିଅନସିପ୍ ୨୦୨୬ ପାଇଁ ମନୋନୀତ ହୋଇଥିବା ଖେଳାଳିମାନେ ଯୋଗ୍ୟତା ପରିସରଭୁକ୍ତ ଅଟନ୍ତି।

ଏହାପରେ ବିନେଶ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ତାଙ୍କୁ ଟ୍ରାଏଲ୍‌ରେ ଓହ୍ଲାଇବାକୁ ସୁଯୋଗ ମିଳୁ ବୋଲି ଦାବି କରିଥିଲେ। ତାଙ୍କର ଯୁକ୍ତି ଥିଲା ଯେ କିଛି ଇଭେଣ୍ଟରେ ତାଙ୍କର ଅନୁପସ୍ଥିତିର କାରଣ ଗର୍ଭାବସ୍ଥା, ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ସୁସ୍ଥତା ଥିଲା। ସେ ଏହା ମଧ୍ୟ କହିଥିଲେ ଯେ ଡବ୍ଲୁଏଫ୍‌ଆଇ ଦ୍ୱାରା ତାଙ୍କୁ ଅଯୋଗ୍ୟ ଘୋଷଣା କରି ‘କାରଣ ଦର୍ଶାଅ ନୋଟିସ୍’ ଜାରି କରାଯିବା ପରେ ତାଙ୍କୁ ଗୋଣ୍ଡାରେ ସିନିୟର ଓପନ୍ ରାଙ୍କିଂ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାରୁ ବାରଣ କରାଯାଇଥିଲା।

ଦିଲ୍ଲୀ ହାଇକୋର୍ଟ ନିଜ ବୟାନରେ କହିଛନ୍ତି, ‘ଦେଶ ପାଇଁ ଏହା ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ତାର ପ୍ରତିନିଧିମାନଙ୍କ ଚୟନ ଏକ ନିଷ୍ପକ୍ଷ, ସମାନ ଏବଂ ପ୍ରଦର୍ଶନ ଆଧାରିତ ପ୍ରକ୍ରିୟା ମାଧ୍ୟମରେ ହେବା ଉଚିତ।’

କୋର୍ଟ ଏହା ମଧ୍ୟ ଦେଖିଛନ୍ତି ଯେ ଫୋଗାଟ୍ ?ଙ୍କୁ ପୂର୍ବରୁ ମେ ମାସରେ ହାଇକୋର୍ଟଙ୍କ ଡିଭିଜନ ବେଞ୍ଚ ଏସିଆନ୍ ଗେମ୍ସ ଚୟନ ଟ୍ରାଏଲ୍ସରେ ଭାଗ ନେବାକୁ ଅନୁମତି ଦେଇଥିଲେ। ସେହି ଟ୍ରାଏଲ୍ସ ସମୟରେ ହୋଇଥିବା କଥିତ ଅସଦାଚରଣକୁ ନେଇ ଏକ ‘କାରଣ ଦର୍ଶାଅ ନୋଟିସ୍’ ବର୍ତ୍ତମାନ ମଧ୍ୟ ପେଣ୍ଡିଂ ରହିଛି।

ବାର୍ ଏଣ୍ଡ୍ ବେଞ୍ଚ୍ ନିଜ ରିପୋର୍ଟରେ ଜଷ୍ଟିସ୍ ଶର୍ମାଙ୍କ ସୂତ୍ରରୁ ଲେଖିଛି, ‘ଡବ୍ଲୁଓ ର ନୂଆ ଯୋଗ୍ୟତା ମାପଦଣ୍ଡ ସମସ୍ତ ଏଥଲିଟ୍‌ଙ୍କ ଉପରେ ସମାନ ଭାବେ ଲାଗୁ ହେଉଛି ଏବଂ ଏହାକୁ ବିଶେଷ କରି ଫୋଗାଟ୍‌ଙ୍କ ବିରୋଧରେ ପ୍ରସ୍ତୁତ କରାଯାଇ ନାହିଁ।’

# ଭାରତୀୟ କ୍ରିକେଟ୍‌ରୁ ଇସ୍ତଫା ଦେଲେ ଆଉ ଜଣେ ସପୋର୍ଟ ଷ୍ଟାଫ୍

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ୍ ଦଳର ସପୋର୍ଟ ଷ୍ଟାଫ୍‌ରେ ଆଉ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ଦଳର ଫିଜିଓ କମଲେଶ ଜୈନ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଜୈନ ବିସିସିଆଇକୁ ନିଜ ଇସ୍ତଫା ସମ୍ପର୍କରେ ସୂଚନା ଦେଇସାରିଛନ୍ତି। ଯଦିଓ ବୋର୍ଡ ତରଫରୁ ଏପର୍ଯ୍ୟନ୍ତ ଏହାକୁ ଆନୁଷ୍ଠାନିକ ମଞ୍ଜୁରୀ ମିଳିନାହିଁ। ଏହି ଖବର ଏଭଳି ସମୟରେ ଆସିଛି, ଯେତେବେଳେ ଟିମ୍ ଇଣ୍ଡିଆ ଦିଲ୍ଲୀରେ ୧୩ ସେପ୍ଟେମ୍ବରରୁ ଆଫଗାନିସ୍ତାନର ସାମ୍ନା କରିବାକୁ ଓହ୍ଲାଇବ। ଏହାପରେ ଟିମ୍ ଇଣ୍ଡିଆକୁ ଅନେକ ଗୁରୁତ୍ୱପୂର୍ଣ୍ଣ ସିରିଜ୍ ମଧ୍ୟ ଖେଳିବାକୁ ଅଛି।

କ୍ରିକ୍‌ବଜ୍‌ର ରିପୋର୍ଟ ଅନୁଯାୟୀ, କମଲେଶ ଜୈନ ଏହି ସମୟରେ ନୂଆଦିଲ୍ଲୀରେ ଭାରତୀୟ ଦଳ ସହିତ ଅଛନ୍ତି। ଭାରତୀୟ ଦଳକୁ ୧୩ ସେପ୍ଟେମ୍ବରରୁ ଆଫଗାନିସ୍ତାନ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଅଛି। ଖବର ଅନୁଯାୟୀ ଜୈନ ବର୍ତ୍ତମାନ ତିନି ମାସର ନୋଟିସ୍ ପିରିୟଡ୍‌ରେ ଅଛନ୍ତି



ଏବଂ ବୋର୍ଡ ପକ୍ଷରୁ ତାଙ୍କୁ କାର୍ଯ୍ୟମୁକ୍ତ କରାଯିବାକୁ ସେ ଅପେକ୍ଷା କରିଛନ୍ତି। ଯଦି ସମ୍ପୂର୍ଣ୍ଣ ନୋଟିସ୍ ପିରିୟଡ୍ ଲାଗୁ ରହେ, ତେବେ ନ୍ୟୁଜିଲାଣ୍ଡ ଗସ୍ତ ଟିମ୍ ଇଣ୍ଡିଆ ସହିତ ତାଙ୍କର ଶେଷ ଆସାଇନମେଣ୍ଟ ହୋଇପାରେ। ଭାରତର ନ୍ୟୁଜିଲାଣ୍ଡ ଗସ୍ତ ଡିସେମ୍ବର ଆରମ୍ଭରେ ଶେଷ ହେବାକୁ ଅଛି। ତଥାପି ବିସିସିଆଇ ଚାହିଁଲେ ତାଙ୍କୁ ଏହା ପୂର୍ବରୁ ମଧ୍ୟ କାର୍ଯ୍ୟମୁକ୍ତ କରିପାରିବ।

ଚେନ୍ନାଇର ବାସିନ୍ଦା କମଲେଶ ଜୈନ ଜୁନ୍ ୨୦୨୨ରେ ଭାରତୀୟ ଦଳର ଫିଜିଓ ବନିଥିଲେ। ଏହାପୂର୍ବରୁ ସେ କୋଲକାତା ନାଇଟ୍ ରାଇଡର୍ସ ସହିତ ଜଡ଼ିତ ଥିଲେ। ରାହୁଲ ଦ୍ରାବିଡ଼ ଭାରତୀୟ ଦଳର ମୁଖ୍ୟ କୋଚ୍ ଥିବା ସମୟରେ ବିସିସିଆଇ ଜୈନଙ୍କୁ ଟିମ୍ ଇଣ୍ଡିଆର ସପୋର୍ଟ ଷ୍ଟାଫ୍‌ରେ ସାମିଲ କରିଥିଲା। ଏହି ସମୟରେ ଜୈନ ଦଳରେ ନିତିନ ପଟେଲଙ୍କ ସ୍ଥାନ ନେଇଥିଲେ। ପଟେଲ ପରବର୍ତ୍ତୀ ସମୟରେ ବେଙ୍ଗାଲୁରୁ ସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସ ସହିତ ଜଡ଼ିତ ହୋଇଥିଲେ। ପରେ ସେ ମଧ୍ୟ ଏଠାରୁ ଅଲଗା ହୋଇ ମୁମ୍ବାଇ ଇଣ୍ଡିଆନ୍ସ ସହିତ ଯୋଗ ଦେଇଛନ୍ତି।

ଖବର ଅନୁଯାୟୀ, ଜୈନ ଟିମ୍ ଇଣ୍ଡିଆର ଏହି ଦାୟିତ୍ୱରୁ ହଟିବା ପାଇଁ ନିଷ୍ପତ୍ତି କ୍ରମାଗତ ଭାବେ ହେଉଥିବା କ୍ରିକେଟ ସିରିଜକୁ ଦେଖି ନେଇଛନ୍ତି। କୁହାଯାଉଛି ଯେ ସେ ନିଜ ପରିବାର ସହିତ ଅଧିକ ସମୟ ବିତାଇବାକୁ ଚାହୁଁଛନ୍ତି। ଏକ ସୂତ୍ରରୁ ପ୍ରକାଶ ଯେ ସେ ପ୍ରାୟ ସାଢ଼େ ଚାରି ବର୍ଷ ହେବ ଭାରତୀୟ ଦଳ ସହିତ ଅଛନ୍ତି। ତାଙ୍କୁ ଟିମ୍ ଇଣ୍ଡିଆ ସହିତ କାମ କରିବା ପସନ୍ଦ ଥିଲା, କିନ୍ତୁ ପରିବାର କାରଣରୁ ସେ କ୍ରମାଗତ ଯାତ୍ରାରୁ ବଞ୍ଚିବାକୁ ଚାହୁଁଛନ୍ତି। ବିସିସିଆଇ ତରଫରୁ ଏହି ପ୍ରସଙ୍ଗରେ ବର୍ତ୍ତମାନ ସୁଦ୍ଧା କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଆସିନାହିଁ।

କମଲେଶ ଜୈନଙ୍କ ଇସ୍ତଫା ଏଭଳି ଏକ ସମୟରେ ଆସିଛି ଯେତେବେଳେ ସାମ୍ପ୍ରତିକ ମାସଗୁଡ଼ିକରେ ଭାରତୀୟ ଦଳର ସପୋର୍ଟ ଷ୍ଟାଫ୍‌ରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଦୀର୍ଘ ସମୟ ଧରି ଦଳର ଫିଲ୍ଡିଂ କୋଚ୍ ଥିବା ଟି. ଦିଲୀପ ନିକଟ ଅତୀତରେ ଇଂଲଣ୍ଡ ଗସ୍ତ ପରେ ଦଳର ସାଥ୍ ଛାଡ଼ିଥିଲେ। ଏହାଛଡ଼ା ଆସିଷ୍ଟାଣ୍ଟ କୋଚ୍ ଭାବେ କାର୍ଯ୍ୟ କରୁଥିବା ରୟାନ୍ ଟେନ୍ ଡୋସାଟ୍ ମଧ୍ୟ ଭାରତୀୟ ଦଳରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ଏହାସମେତ ଆଗାମୀ ମାସଗୁଡ଼ିକରେ ଟିମ୍ ଇଣ୍ଡିଆର ସପୋର୍ଟ ଷ୍ଟାଫ୍‌ରେ ଆହୁରି ଅନେକ ପରିବର୍ତ୍ତନ ଦେଖିବାକୁ ମିଳିପାରେ।

# ପରମ୍ପରା ବିଷୟରେ ଶିଶୁଙ୍କୁ ଶିକ୍ଷା ଦେବାକୁ ସମ୍ବଲପୁରୀ ଡେରାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀ ଶକ୍ତି ପକ୍ଷରୁ ଶନିବାର ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ପାରମ୍ପାରିକ ପୁରା ଉଆଁସ ବା ସପ୍ତପୁରୀ ଅମାବାସ୍ୟା ପାଳନ କରାଯାଇଛି। ଛୋଟ ଛୋଟ ପିଲାମାନେ ଭବିଷ୍ୟତ ସଂସାରର ଚଳଣୀକୁ ଖେଳ ମାଧ୍ୟମରେ ଶିକ୍ଷା ଦେବାପାଇଁ ଏହି ଉତ୍ସବ ପାଳନ କରାଯାଇଥାଏ। ଏହି ଦିନ ମା’ମାନେ ଝିଅମାନଙ୍କ ପାଇଁ ମାଟି ତିଆରି କୁଣ୍ଢିକାଞ୍ଚ ଖେଳିବା ପାଇଁ ଦେଇଥାନ୍ତି। ସେହିପରି ପୁଅପିଲାମାନେ କାଠ ଏବଂ ମାଟି ତିଆରି ବଳଦ, ହାତୀ, ଘୋଡା ଖେଳିଥାନ୍ତି। ତେବେ ସାଂସାରିକ ଜୀବନ ଜିଇଁବା ପାଇଁ ପିଲାଟି ଦିନରୁ ମା’ ବାପାମାନେ ପୁଅଝିଅଙ୍କୁ ଏହି ପର୍ବ ମାଧ୍ୟମରେ ଶିକ୍ଷା ଦେଇଥାନ୍ତି। ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ତିଆରି ହୋଇଥିବା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଏହି ପାରମ୍ପାରିକ ଉତ୍ସବ ବିଷୟରେ ସହରର ଶିଶୁମାନଙ୍କୁ ଶିକ୍ଷା ଦେବା ପାଇଁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀ ଶକ୍ତି ପକ୍ଷରୁ ପୁରା ଉଆଁସ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା। ଚାଉଁରପୁର, ଦେଉଳବନ୍ଧ ଏବଂ ମାନିକ ମୁଣ୍ଡାରୁ ଆସିଥିବା କୁନି ଝିଅ



ପୁଅମାନେ ଚାଙ୍ଗୁଡିରେ ମୁଗ, ଗହମ, ଚଣା, ହୁଡୁମ ଲଡୁ ଭଳି ବିଭିନ୍ନ ଖାଦ୍ୟ ସାମଗ୍ରୀ ସହ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମହିଳା ସଦସ୍ୟାମାନେ ଶିଶୁମାନଙ୍କୁ ବନ୍ଦାପନା କରିଥିଲେ। ଏହାସହ କୁନିପୁଅମାନଙ୍କୁ ଚାଷବାସରେ ବ୍ୟବହୃତ ସାମଗ୍ରୀଗୁଡିକ ବିଷୟରେ ଅବଗତ କରାଯାଇଥିଲା। ଏଥିରେ କୁନି ପୁଅ ଝିଅଙ୍କ ଅଂଶ ଗ୍ରହଣ କରୁଥିବା ବେଳେ ବୟସ୍କମାନେ ସେମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଗାଁରେ ଧାନ ଅମଳ ପୂର୍ବରୁ ଚାଷବାସ ସହ ଜଡିତ ଗାଇ ବଳଦ ହଳ ନଙ୍ଗଳ, ଶଗଡ଼ ବିଷୟରେ ଘରର ପୁଅମାନଙ୍କୁ ଖେଳ ମାଧ୍ୟମରେ ଶିକ୍ଷା ଦେବାସହ ଚାଷ ରେ ସାହାଯ୍ୟ କରୁଥିବା ବଳଦ ଏବଂ ଶ୍ରମିକମାନଙ୍କୁ ସମ୍ମାନ ଦିଆଯିବା ବିଷୟ ଏହି ଖେଳ ମାଧ୍ୟମରେ ଶିକ୍ଷା ଦିଆଯାଇଥିଲା ବୋଲି କହିଛନ୍ତି ନାରୀଶକ୍ତୀର ଲଳିତା ଭୋଇ। ପୂର୍ବରୁ ପୁରା ଉଆଁସ ପାଇଁ ମାଟି କାରିଗରମାନେ ବିଭିନ୍ନ ସାମଗ୍ରୀ ତିଆରି କରି ରୋଜଗାର କରୁଥିଲେ। କିନ୍ତୁ ଏବେ ଧିରେ ଧିରେ ଲୋକଙ୍କ ମନରୁ ପୁରାଉଆଁସ ପର୍ବ ଦୂରେଇ ଯାଉଥିବାରୁ ସମାଜ ବ୍ୟବସ୍ଥା ବି ଧିରେ ଧିରେ ବଦଳିବାରେ ଲାଗିଥିବା କହିଛନ୍ତି ସ୍ୱସ୍ତିକା ନାୟକ। ଆଗରୁ ଗାଁ ମାନଙ୍କରେ ସାପ୍ତାହିକ ବଜାରରେ ମାଟୀର ହାତୀଘୋଡା ବିକ୍ରୀ ହେଉଥିବା ବେଳେ ଏସବୁ ବିଷୟରେ ବର୍ତ୍ତମାନର ପିଲାମାନେ ଆଦୌ ଜାଣିନାହାନ୍ତି। ସେଥିପାଇଁ ସେମାନଙ୍କ ଭିତରେ ଆମ ପରମ୍ପରା ବିଷୟରେ ଧାରଣା ଦେବାକୁ ଏହି ଚେଷ୍ଟା କରାଯାଇଥିବା ଝୁନୁ ତ୍ରିପାଠୀ କହିଥିଲେ। ସେହିପରି ଆଧୁନିକତା ଭିତରେ ଆମ ପରମ୍ପରାକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରାଯାଇଥିବା କାନ୍ତି ମେହେର ମତ ଦେଇଥିଲେ। ଛୋଟ ଶିଶୁମାନେ ପାରମ୍ପାରିକ ଖେଳ ଖେଳିଥିବା ବେଳେ ସେମାନଙ୍କୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ନାରୀ ଶକ୍ତିର ଭୁମିସୂତା ମେହେର, ମୀନାକ୍ଷୀ ରାଉତ, ପଙ୍କଜିନୀ ବୈଠାରୁ, ସିପ୍ରା ଚକ୍ରବର୍ତ୍ତୀ, ସବିତା ନନ୍ଦ, ସବିତା ମେହେର, ଶୁକ୍ରବାରୀ ମେହେର, ସୀମା ନାଏକ, ସାଗରିକା ପରିଡ଼ା ସହଯୋଗ କରିଥିଲେ। ପୁରା ଉଆଁସ ଆୟୋଜନରେ ପଶ୍ଚିମାଞ୍ଚଳ ଏକତା ମଞ୍ଚ ରାହୁଲ୍ ଗୁପ୍ତା, ଦଶରଥ ମେହେର, ସୁବ୍ରତ ପ୍ରଧାନ, ଦେବୀ ପ୍ରସାଦ ଭୋଇ, ସନ୍ତୋଷ ବଢେଇ, ସୁଦାମ ମେହେର ଭବାନୀଶ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଝାରସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ସଂଗଠନର ବାର୍ଷିକ ବୈଠକ

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଝାରସୁଗୁଡ଼ା ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନର ବାର୍ଷିକ ସାଧାରଣ ବୈଠକ ତଥା ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ପାଇଁ ୩ ଦିନିଆ ଆବାସିକ ଅଭିମୁଖୀକରଣ କାର୍ଯ୍ୟକ୍ରମ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସଂଗଠନର ସମ୍ପାଦକ ସୁଶାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଅନ୍ନପୂର୍ଣ୍ଣା ମଣ୍ଡପମ, ଏଚ. କଟାପାଲି ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସମୂହ ସଂଗଠନର ସଭାପତି ଡ. ରାଧାକାନ୍ତ ଗର୍ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ଝାରସୁଗୁଡ଼ା ଜିଲ୍ଲା କ୍ରୀଡ଼ା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ, ଲଇକେରା ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ବାଗ, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁ, ସ୍ଥାନୀୟ ରତ୍ନାକର ସରକାରୀ ଉଚ୍ଚ ବିଦ୍ୟାଳୟ, ଏଚ.କଟାପାଲିର ପ୍ରଧାନ ଶିକ୍ଷୟିତ୍ରୀ ସଂଗୀତା ଭୋଇ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଜ୍ୱଳ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଏହି ଅବସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇଛନ୍ତି। ବାର୍ଷିକ ବୈଠକରେ ଜିଲ୍ଲାରେ ଗତ ଶିକ୍ଷାବର୍ଷରେ ଅନୁଷ୍ଠିତ କ୍ରୀଡ଼ା କାର୍ଯ୍ୟକଳାପର ସମୀକ୍ଷା ସହ ଆଗାମୀ ଶିକ୍ଷାବର୍ଷ ପାଇଁ କ୍ରୀଡ଼ା ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ଥିଲା। ଜୋନାଲ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ସୁଚାରୁ ଆୟୋଜନ, ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପ୍ରତିଭା ଚିହ୍ନଟ, କ୍ରୀଡ଼ା ଉପକରଣ ଯୋଗାଣ ଓ ପ୍ରଶିକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୩ ଦିନିଆ ଅଭିମୁଖୀକରଣ କାର୍ଯ୍ୟକ୍ରମରେ ହକି, ହ୍ୟାଣ୍ଡବଲ, କ୍ରିକେଟ, ବ୍ୟାଡ଼ମିଣ୍ଟନ, କରାଟେ, ନେଟବଲ, ତାଇକୋଣ୍ଡୋ, ଭାରୋତ୍ତୋଳନ, ଧନୁର୍ବିଦ୍ୟା, ଯୋଗ, ଖୋ-ଖୋ, କବାଡ଼ି ଓ ଫୁଟବଲ ଆଦି ବିଭିନ୍ନ କ୍ରୀଡ଼ାର ନିୟମ, ମୌଳିକ କୌଶଳ ଓ ଆଧୁନିକ ପ୍ରଶିକ୍ଷଣ ପଦ୍ଧତି ଉପରେ ତାତ୍ତ୍ୱିକ ଓ ପ୍ରାୟୋଗିକ ଅଧିବେଶନ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବ। ପ୍ରଥମ ଦିବସରେ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ପ୍ରଶିକ୍ଷକ ସତ୍ୟରଞ୍ଜନ ପଣ୍ଡା ପ୍ରଶିକ୍ଷଣ ଦେଇଥିବା ବେଳେ ରାଜ୍ୟ ନେଟ ବଲ ସଂଘର ଆନ୍ତରାଜ୍ୟ ଅମ୍ପାୟାର ରଞ୍ଜିତ ଦାସ ପ୍ରଶିକ୍ଷଣ ଦେଇଥିଲେ। ଏଥିସହିତ ଫିଟନେସ୍, ଯୋଗ, କ୍ରୀଡ଼ାଜନିତ ଆଘାତର ପ୍ରାଥମିକ ଚିକିତ୍ସା ଏବଂ କ୍ରୀଡ଼ା ପ୍ରତିଭା ଚିହ୍ନଟ ସମ୍ପର୍କରେ ମଧ୍ୟ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମରେ ଅତିଥି ମାନେ ବିଦ୍ୟାଳୟସ୍ତରରେ କ୍ରୀଡ଼ାର ବିକାଶ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଶାରୀରିକ ଶିକ୍ଷାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। କ୍ରୀଡ଼ା ପ୍ରତିଭାକୁ ଉତ୍ସାହିତ କରି ଝାରସୁଗୁଡ଼ା ଜିଲ୍ଲାରୁ ଅଧିକ ସଂଖ୍ୟକ ଖେଳାଳିଙ୍କୁ ରାଜ୍ୟ ଓ ଜାତୀୟସ୍ତରକୁ ପଠାଇବା ନିମନ୍ତେ ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଆହ୍ୱାନ ଦିଆଯାଇ ଥିଲା। କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ରବି ନାରାୟଣ ପୂଜାରୀ ଉପସ୍ଥିତ ଅତିଥି ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭାଗୀୟ ସମ୍ପର୍କିତ ସ୍ଥାୟୀ କମିଟି-୨ର ସମୀକ୍ଷା ବୈଠକ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ସ୍ଥିତ ସର୍କିଟ ହାଉସ ଠାରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ବିଭାଗୀୟ ସମ୍ପର୍କିତ ସ୍ଥାୟୀ କମିଟି-୨ର ୨୦୨୬-୨୭ର ୪ର୍ଥ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ଉକ୍ତ ବୈଠକ କମିଟିର ଅଧ୍ୟକ୍ଷ ତଥା ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ଅଧ୍ୟକ୍ଷତାରେ ସମ୍ପାଦନ ହୋଇଥିଲା। କମିଟିର ସଦସ୍ୟ ସାରସକଣା ବିଧାୟକ ଭାଦବ ହାଁସଦାଃ, ବାସୁଦେବପୁର ବିଧାୟକ ଅଶୋକ ଦାସ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାଏକ ବୈଠକରେ ଯୋଗ ଦେଇଥିଲେ। ତାଙ୍କ ସହିତ ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)



ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହଙ୍କ ସମେତ ପ୍ରଶାସନର ଅନେକ ବରିଷ୍ଠ ଅଧିକାରୀ ଉକ୍ତ ବୈଠକରେ ଉପସ୍ଥିତ ଥିଲେ।

ଏହି ବୈଠକରେ ଭୂତଳ ଜଳ ଓ ଭୂପୃଷ୍ଠ ଜଳର ବ୍ୟବହାର, ଭୂତଳ ଜଳସ୍ତରର ଅଧ୍ୟୟନ ଏବଂ ଶିଳ୍ପାଞ୍ଚଳଗୁଡ଼ିକରେ ଗ୍ରହଣ କରାଯାଇଥିବା ସତର୍କତାମୂଳକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲାର ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ବିବରଣୀ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲାର ବେସରକାରୀ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକର ଅନେକ ଅଧିକାରୀଗଣ ଉପସ୍ଥିତ ରହି ନିଜର ମତ ରଖିଥିଲେ।

ସମୀକ୍ଷା ବୈଠକ ପରେ କମିଟିର ଅଧ୍ୟକ୍ଷଙ୍କ ସହିତ ସମସ୍ତ ସଦସ୍ୟ, ସ୍ଥାନୀୟ ବିଧାୟକ/ବିଧାୟିକା, ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଇମାମି ପେପର ମିଲ ଓ ଏଲୟଜ୍ ଶିଳ୍ପାଞ୍ଚଳ ପରିଦର୍ଶନ କରିଥିଲେ।

# ଚୋରି ମାମଲାରେ ୨ ଜଣ ଗିରଫ ବହୁ ଚୋରା ସାମଗ୍ରୀ ଜବତ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଏକ ଚୋରି ମାମଲାର ପର୍ଦ୍ଦାଫାଶ କରି ପୁଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବହୁ ପରିମାଣର ଚୋରା ସାମଗ୍ରୀ ଜବତ କରିଛି। ସୂଚନା ଅନୁଯାୟୀ, ଧଣ୍ଡାମୁଣ୍ଡା ଗ୍ରାମର ଦେବେନ୍ଦ୍ର ପ୍ରଧାନଙ୍କ ଅଭିଯୋଗ ଆଧାରରେ ଖପ୍ରାଖୋଲ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଗତ ୩ ଏବଂ ୪ ତାରିଖ ମଧ୍ୟରାତ୍ରିରେ ଧଣ୍ଡାମୁଣ୍ଡା ଗ୍ରାମରେ ଏହି ଚୋରି ଘଟଣାଟି ଘଟିଥିଲା। ଏହି ମାମଲାରେ ପୋଲିସ ମାଲପଡା ଗ୍ରାମର ସୁରେଶ ଭୁଏଙ୍କ ପୁଅ ଗଜାନନ ଭୁଏ (୨୧)ଙ୍କୁ ଗିରଫ କରିଥିବା ବେଳେ ଜଣେ ଶିଶୁ ଅପରାଧୀକୁ ମଧ୍ୟ ଅଟକ ରଖିଛି। ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କଠାରୁ ୩ଟି ଏକ ହର୍ସପାଓ୍ୱାର ଟୁଲୁ ପାଣି ପମ୍ପ, ଗୋଟିଏ ଲାଲ୍ ରଙ୍ଗର ହୀରୋ ମୋଟରସାଇକେଲ, ଗୋଟିଏ ନୀଳ ରଙ୍ଗର ମୋଟରସାଇକେଲ, ୪ ପ୍ୟାକେଟ୍ ଚାଉଳ, ବିସ୍କୁଟ ପ୍ୟାକେଟ୍, ଚକୋଲେଟ୍ ଡବା, ଥଣ୍ଡା ପାନୀୟ ବୋତଲ, ସୁଜି, ବେସନ ଏବଂ ବିଭିନ୍ନ ରୋଷେଇ ବାସନ ସାମଗ୍ରୀ ଜବତ ହୋଇଥିବା ଜଣାପଡିଛି। ଆହୁରି ମଧ୍ୟ ପୁଲିସର ତଦନ୍ତରୁ ଜାଣିବାକୁ ମିଳିଛି ଯେ, ଏହି ଅଭିଯୁକ୍ତମାନେ କେବଳ ଖପ୍ରାଖୋଲ ନୁହେଁ, ବରଂ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଏଭଳି ଅନେକ ଅପରାଧରେ ସଂପୃକ୍ତ ଥିଲେ। ସେମାନଙ୍କ ନାମରେ ମୋଟ ୬ଟି ଚୋରି ମାମଲା ରହିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର ସୂଚନା ଦେଇଛନ୍ତି। ଏହି ସଫଳ ଅଭିଯାନରେ ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କ ନେତୃତ୍ୱରେ ଏସଆଇ ଲିଙ୍ଗରାଜ କିଷାନ, ଏଏସଆଇ ରବିନ୍ଦ୍ର କୁମ୍ଭାର, ଏଏସଆଇ ନାରାୟଣ ସାହୁ, କନଷ୍ଟେବଳ ବାବୁଲାଲ ମଲ୍ଲିକ, କନଷ୍ଟେବଳ ଭୋଳାଶଙ୍କର ଦେହେଲିଆ ଏବଂ ହୋମଗାର୍ଡ ଧ୍ରୁବ କୁମ୍ଭାର ପ୍ରମୁଖ ସାମିଲ ଥିଲେ।



# ସିଆରସିସିମାନଙ୍କ ଜିଲ୍ଲା ସ୍ତରୀୟ କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ସମଗ୍ର ଶିକ୍ଷା, ଯାଜପୁର ଦ୍ୱାରା ଜିଲ୍ଲା ସ୍ତରୀୟ ‘ସମୀକ୍ଷା-ସହ-କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ’ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଜିଲ୍ଲାର ୧୫୨ଟି କ୍ଲଷ୍ଟରରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ସିଆରସିସିମାନେ ହେଉଛନ୍ତି ମଧ୍ୟବର୍ତ୍ତୀ ସୁପରଭିଜନର ପ୍ରକୃତ ମେରୁଦଣ୍ଡ। ଜିଲ୍ଲାର ପ୍ରାୟ ୨.୫୧ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବା ଏବଂ ସେମାନଙ୍କର ମୌଳିକ ଦକ୍ଷତା ବୃଦ୍ଧି କରିବା ପାଇଁ ସେମାନଙ୍କର ଆନ୍ତରିକ ପ୍ରଚେଷ୍ଟା ନିତାନ୍ତ ଆବଶ୍ୟକ। ଶିକ୍ଷକ ଓ ସିଆରସିସିମାନେ କେବଳ ସରକାରୀ ଚାକିରି କରୁନାହାନ୍ତି, ବରଂ ନୂତନ ସମାଜ ଓ ଦେଶର ଭବିଷ୍ୟତ ନିର୍ମାଣ କରୁଛନ୍ତି।

ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ସଫଳତାର କାବ୍ୟିକ ସଂଜ୍ଞା ଦେବା ସହ କହିଥିଲେ ଯେ, ସିଆରସିସି ମାନେ ହେଉଛନ୍ତି ତୃଣମୂଳ ସ୍ତରର ପ୍ରକୃତ




ନେତା। ସେମାନଙ୍କ ସକ୍ରିୟ ସହଯୋଗ ଓ ନିଷ୍ଠା ବିନା ଶିକ୍ଷାର ସଫଳତା ଅସମ୍ଭବ। ଏହି କାର୍ଯ୍ୟକ୍ରମରେ ଡାଏଟ୍ ଅଧ୍ୟକ୍ଷା ନିବେଦିତା ଗୁରୁ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀଣୀ ସୁରମା ମହାପାତ୍ର ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସିଆରସିସି ମାନଙ୍କୁ ନିଜ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ।

ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀ ଓ ସିଆରସିସି ପ୍ରତିନିଧିମାନେ ଉପସ୍ଥିତ ରହି ଶିକ୍ଷା ବ୍ୟବସ୍ଥାର ଗୁଣାତ୍ମକ ପରିବର୍ତ୍ତନ ପାଇଁ ସଙ୍କଳ୍ପ ନେଇଥିଲେ। ଅପରାହ୍ନରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଦାମୋଦର ବେହେରା ଓ ସମାଜସେବୀ ମଣ୍ଟୁ ଦାସ ଉପସ୍ଥିତ ରହି ପ୍ରେରଣାଦାୟୀ ତଥା ଉତ୍ସାହ ବର୍ଦ୍ଧକ ବାର୍ତ୍ତା ପ୍ରଦାନ କରିଥିଲେ। ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ବିଭିନ୍ନ ପରୀକ୍ଷା ଓ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସବିତା ନାୟକ, ପ୍ରୋଗ୍ରାମ ସଂଯୋଜକ ଅରୁଣ କୁମାର ମହାନ୍ତ, ପ୍ଲାନିଂ ସଂଯୋଜକ ତ୍ରିଲୋଚନ ସାହୁ, ଆର୍ଥିକ ପରାମର୍ଶଦାତା ସୁଧୀ ରଞ୍ଜନ ଦାସ, ଏକାଉଟାଣ୍ଟ ସ୍ମୃତି ରଞ୍ଜନ ମହାନ୍ତି, ଜ୍ୟୋତ୍ସ୍ନାମୟୀ ଧଳ, ପ୍ରିୟମ୍ବଦା ମିଶ୍ର, ଗାୟତ୍ରୀ ମହାନ୍ତି ସହ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଅନ୍ୟାନ୍ୟ ସଂଯୋଜକ, କର୍ମଚାରୀ ଓ ଜିଲ୍ଲା ସ୍କୁଲର ଶିକ୍ଷକ ରାଧାରମଣ ମହାପାତ୍ରଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୨ ସେପ୍ଟେମ୍ବର ୨୦୨୬ ଶନିବାର





# କଟକରେ ଦୁର୍ଗାପୂଜା ପାଇଁ ଏକକ ବାତାୟନ ବ୍ୟବସ୍ଥା

**କଟକ, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଦୁର୍ଗାପୂଜା-୨୦୨୬କୁ କଟକ ସହରରେ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଗମ ଭାବେ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକକ ବାତାୟନ ବ୍ୟବସ୍ଥା (ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍) କାର୍ଯ୍ୟକ୍ଷମ କରାଯିବ। ପୂଜା କମିଟିଗୁଡ଼ିକୁ ତ୍ୱରିତ ଏନ୍‌ଓସି ଓ ଅନୁମତି ପ୍ରଦାନ ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏନେଇ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଟକ ମହାନଗର କମିଶନର ସୁଶ୍ରୀ କିରଣଦୀପ କୌର ସହୋତା ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କମଲଜିତ ଦାସଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ମହାନଗର ଶାନ୍ତି କମିଟି ଓ ପୂର୍ବାଞ୍ଚଳ ମହାନଗର ଶାନ୍ତି କମିଟିର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ କଟକ ସଦର ଉପଜିଲ୍ଲାପାଳଙ୍କୁ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥାର ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ



ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସମଗ୍ର ବ୍ୟବସ୍ଥାର ତଦାରଖ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମସ୍ତ ସମ୍ପୃକ୍ତ ବିଭାଗ ଜଣେ ଲେଖାଏଁ ନୋଡାଲ ଅଧିକାରୀ ନିଯୁକ୍ତ କରି ପୂଜା କମିଟିଗୁଡ଼ିକର ଆବେଦନକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତଦାରଖ କରି ନିଷ୍ପତ୍ତି କରିବେ। ପୂଜା ପେଣ୍ଡାଲ ଓ ଅନ୍ୟାନ୍ୟ ନିର୍ମାଣ ପାଇଁ ଆରଏଣ୍ଡବି ବିଭାଗ ଭିତ୍ତିଭୂମି ନିରାପତ୍ତା ପ୍ରମାଣପତ୍ର, ଜିଲ୍ଲା ଅଗ୍ନିଶମ ଅଧିକାରୀ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଏବଂ ଟିପିସିଓଡିଏଲ୍ ବିଦ୍ୟୁତ ନିରାପତ୍ତା ପ୍ରମାଣପତ୍ର ପ୍ରଦାନ କରିବେ। ଅଗ୍ନି ନିରାପତ୍ତାକୁ ଗୁରୁତ୍ୱ ଦେଇ ଗତବର୍ଷ ପ୍ରଶିକ୍ଷିତ ସ୍ୱେଚ୍ଛାସେବୀମାନେ ଚଳିତବର୍ଷ ମଧ୍ୟ ନିୟୋଜିତ ରହିବେ। ସମସ୍ତ ପୂଜା ମଣ୍ଡପରେ ପର୍ଯ୍ୟାପ୍ତ ସଂଖ୍ୟକ ଅଗ୍ନିନିର୍ବାପକ ଯନ୍ତ୍ର ରଖିବା ଓ ଜରୁରୀ ସମୟରେ ଏହା ସହଜରେ ଉପଲବ୍ଧ ହେବା ସୁନିଶ୍ଚିତ କରିବାକୁ ଡିଏଫଓଙ୍କୁ ଦାୟିତ୍ୱ ଦିଆଯାଇଛି। ପୂଜା ସମୟରେ ଠଓଚ ତଥା ବିଶିଷ୍ଟ ବ୍ୟକ୍ତିମାନଙ୍କ ପୂଜା ମଣ୍ଡପ ପରିଦର୍ଶନକୁ ଦୃଷ୍ଟିରେ ରଖି ପୂଜା କମିଟିଗୁଡ଼ିକୁ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ଏଥିସହ ସାଧାରଣ ଲୋକଙ୍କ ଯାତାୟାତ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ। ଦେବୀଗଡ଼ା ନିକଟସ୍ଥ ରାସ୍ତାର ସୁବିଧା ସୁନିଶ୍ଚିତ କରିବା ସହ ଅସ୍ଥାୟୀ ଭସାଣି ପୋଖରୀରେ ତାରପୋଲିନ୍ ପରିବର୍ତ୍ତେ ରବର୍ ମ୍ୟାଟ୍ କିମ୍ବା ଅନ୍ୟ ଦୃଢ଼ ଓ ଦୀର୍ଘସ୍ଥାୟୀ ସୁରକ୍ଷା ସାମଗ୍ରୀ ବ୍ୟବହାର ପାଇଁ ଅନୁରୋଧ କରାଯାଇଛି। ଦୁର୍ଗାପୂଜା ସମୟରେ ସମସ୍ତ ପୂଜା କମିଟିକୁ ନିର୍ଦ୍ଧାରିତ ନିୟମ, ନିର୍ଦ୍ଦେଶାବଳୀ ଓ ସୁରକ୍ଷା ମାନଦଣ୍ଡ କଡ଼ାକଡ଼ି ପାଳନ କରିବା ସହ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି।

## ବେଦାନ୍ତ ଆଲୁମିନିୟମର ବେଦକ୍ଷତା ପଦକ୍ଷେପ ମାଧ୍ୟମରେ

# ଝାରସୁଗୁଡ଼ାର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ପ୍ରଯୁକ୍ତି କମ୍ପାନୀରେ ନିଯୁକ୍ତି

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ବେଦାନ୍ତ ଆଲୁମିନିୟମର କୌଶଳ ବିକାଶ ପଦକ୍ଷେପ 'ବେଦକ୍ଷତା' ଅଧୀନରେ ପ୍ରଶିକ୍ଷଣ ନେଇଥିବା ଝାରସୁଗୁଡ଼ାର ୩୦ ଜଣ ଯୁବକ ଯୁବତୀଙ୍କୁ ଦେଶର ପ୍ରମୁଖ ବୈଦ୍ୟୁତିକ ଉପକରଣ ନିର୍ମାତା କମ୍ପାନିରେ ନିଯୁକ୍ତି ସୁଯୋଗ ମିଳିଛି। ମୋବାଇଲ୍ ହାର୍ଡୱେର ମରାମତି ପ୍ରଯୁକ୍ତିବିଦ୍ ଭାବେ ପ୍ରଶିକ୍ଷିତ ଏହି ଯୁବପିଢ଼ି ଟାଟା ଇଲେକ୍ଟ୍ରୋନିକ୍ସ, ଫକ୍ସକନ୍ ଏବଂ ଡିକ୍ସନ୍ ଟେକ୍ନୋଲୋଜିର ଭାରତୀୟ ୟୁନିଟ୍‌ରେ ନିଯୁକ୍ତି ପାଇଛନ୍ତି।

୨୦୨୫ରେ ଆରମ୍ଭ ହୋଇଥିବା 'ବେଦକ୍ଷତା' ପ୍ରକଳ୍ପ ଝାରସୁଗୁଡ଼ାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ କ୍ରମାଗତ ଭାବେ ପ୍ରଭାବ ବଢ଼ାଇ ଚାଲିଛି। ଚଳିତ ବର୍ଷ ଆରମ୍ଭରେ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ମୋବାଇଲ୍ ମରାମତି ଓ ଖାଦ୍ୟ ଏବଂ ପାନୀୟ ସେବା କ୍ଷେତ୍ରରେ ୬୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାପରେ ଆଉ ୩୦ ଜଣ ଖାଦ୍ୟ ଓ ପାନୀୟ ସେବା ପ୍ରଶିକ୍ଷଣ ସଫଳତାର ସହ ଶେଷ କରିଥିଲେ। ଏ ପର୍ଯ୍ୟନ୍ତ ଏହି ପଦକ୍ଷେପ ମାଧ୍ୟମରେ ୧୨୦ରୁ ଅଧିକ ଯୁବକଯୁବତୀ ପ୍ରଶିକ୍ଷିତ ହୋଇସାରିଛନ୍ତି।

ସଦ୍ୟ ପ୍ରଶିକ୍ଷିତ ଦଳର ମହିଳା ପ୍ରଶିକ୍ଷାର୍ଥୀମାନେ ବେଙ୍ଗାଲୁରୁସ୍ଥିତ ଟାଟା ଇଲେକ୍ଟ୍ରୋନିକ୍ସ ଓ ଫକ୍ସକନରେ ନିଯୁକ୍ତି ସୁଯୋଗ ପାଇଥିବା ବେଳେ ପୁରୁଷ ପ୍ରଶିକ୍ଷାର୍ଥୀମାନେ ଚେନ୍ନାଇସ୍ଥିତ ଡିକ୍ସନ୍ ଟେକ୍ନୋଲୋଜିରେ ନିଯୁକ୍ତି ପାଇଛନ୍ତି। ଏହା ମାଧ୍ୟମରେ ଝାରସୁଗୁଡ଼ାର ଯୁବପିଢ଼ି ଦ୍ରୁତଗତିରେ ବିସ୍ତାରଲାଭ କରୁଥିବା ଭାରତୀୟ ବୈଦ୍ୟୁତିକ ଉପକରଣ ନିର୍ମାଣ ଶିଳ୍ପରେ ପ୍ରବେଶ କରିବାର ସୁଯୋଗ ପାଇଛନ୍ତି। ପ୍ରକଳ୍ପର ପ୍ରଭାବ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍, ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ କହିଛନ୍ତି, "ଦକ୍ଷତା ବିକାଶର ପ୍ରକୃତ ମୂଲ୍ୟ ଏହା ଦ୍ୱାରା ଜୀବିକାର ସ୍ପଷ୍ଟ ସୁଯୋଗ ସୃଷ୍ଟି ହେବାରେ ରହିଛି। 'ବେଦକ୍ଷତା' ମାଧ୍ୟମରେ ଆମେ ଝାରସୁଗୁଡ଼ାର ଯୁବପିଢ଼ିଙ୍କୁ ଶିଳ୍ପ ଆବଶ୍ୟକତା ଅନୁଯାୟୀ ଦକ୍ଷତା ଓ ବିଶ୍ୱସନୀୟ ନିଯୁକ୍ତି ସୁଯୋଗ ସହ ଯୋଡ଼ିବା ପାଇଁ ଏକ ସୁଦୃଢ଼ ବ୍ୟବସ୍ଥା ଗଢ଼ି ତୋଲୁଛୁ। ପ୍ରମୁଖ କମ୍ପାନିରେ ନିଯୁକ୍ତି ଏହି ମଡେଲର ସଫଳତାକୁ ପ୍ରତିଫଳିତ କରୁଛି। ଆଗାମୀ ଦିନରେ ଉଦୀୟମାନ କ୍ଷେତ୍ରଗୁଡ଼ିକରେ ଏଭଳି ସୁଯୋଗକୁ ଆହୁରି ବ୍ୟାପକ କରାଯିବ।"

ଝାରସୁଗୁଡ଼ାସ୍ଥିତ 'ବେଦକ୍ଷତା' କେନ୍ଦ୍ରରେ ଆୟୋଜିତ ସମାପନୀ ସମାରୋହରେ ପ୍ରଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତି ପ୍ରସ୍ତାବପତ୍ର ଓ ପାଠ୍ୟକ୍ରମ ସମାପନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ କମ୍ପାନିର ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଝାରସୁଗୁଡ଼ାର ଜାମେରା ଅଞ୍ଚଳର ପ୍ରଶିକ୍ଷାର୍ଥୀ ଜୟଶ୍ରୀ ନାଏକ କହିଛନ୍ତି, "ଏହି ପ୍ରଶିକ୍ଷଣ ମୋତେ ବ୍ୟବହାରିକ ବୈଷୟିକ ଦକ୍ଷତା ହାସଲ କରିବା ସହ ଏକ ପେସାଦାର କାର୍ଯ୍ୟକ୍ଷେତ୍ରରେ କ'ଣ ଆଶା କରାଯାଏ ତାହା ବୁଝିବାରେ ସହାୟତା କରିଛି। ପ୍ରଶିକ୍ଷଣ ଶେଷ କରିବା ପରେ ନିଯୁକ୍ତି ସୁଯୋଗ ପାଇବା ମୋତେ ନିଜ କ୍ୟାରିୟର ଆରମ୍ଭ କରିବା ଓ ପରିବାରକୁ ସହଯୋଗ କରିବା ପାଇଁ ଆତ୍ମବିଶ୍ୱାସ ଦେଇଛି।"

'ବେଦକ୍ଷତା' ହେଉଛି ବେଦାନ୍ତ ଆଲୁମିନିୟମର ପ୍ରମୁଖ ଦକ୍ଷତା ବିକାଶ ପଦକ୍ଷେପ। ଝାରସୁଗୁଡ଼ା ଆଖପାଖ ଅଞ୍ଚଳର ଯୁବପିଢ଼ିଙ୍କ ନିଯୁକ୍ତିଯୋଗ୍ୟତା ବୃଦ୍ଧି ଏହାର ପ୍ରମୁଖ ଲକ୍ଷ୍ୟ। ମୋବାଇଲ୍ ମରାମତି ହାର୍ଡୱେର ପ୍ରଯୁକ୍ତିବିଦ୍ ଓ ଖାଦ୍ୟ ଏବଂ ପାନୀୟ ସେବା କ୍ଷେତ୍ରରେ ଶିଳ୍ପ ଆବଶ୍ୟକତା ଅନୁକୂଳ ପ୍ରଶିକ୍ଷଣ ସହ ଏଥିରେ ବ୍ୟବହାରିକ ଶିକ୍ଷା, କାର୍ଯ୍ୟକ୍ଷେତ୍ର ପାଇଁ ପ୍ରସ୍ତୁତି, କ୍ୟାରିୟର ମାର୍ଗଦର୍ଶନ ଓ ନିଯୁକ୍ତି ସହାୟତାକୁ ସାମିଲ କରାଯାଇଛି।

'ବେଦକ୍ଷତା' ସମେତ ବିଭିନ୍ନ ସାମାଜିକ ବିକାଶ କାର୍ଯ୍ୟକ୍ରମ ଜରିଆରେ ବେଦାନ୍ତ ଆଲୁମିନିୟମ୍ ଝାରସୁଗୁଡ଼ା ଜିଲ୍ଲାର ସମୁଦାୟଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ନିବେଶ ଜାରି ରଖିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ମହିଳା ସଶକ୍ତୀକରଣ, କ୍ରୀଡ଼ା ଓ ସାମାଜିକ ଭିତ୍ତିଭୂମି ଭଳି କ୍ଷେତ୍ରରେ କମ୍ପାନିର ସାମାଜିକ ପ୍ରଭାବ କାର୍ଯ୍ୟକ୍ରମ ଝାରସୁଗୁଡ଼ା ଜିଲ୍ଲାର ୭ ଲକ୍ଷରୁ ଅଧିକ ଲୋକଙ୍କ ଜୀବନକୁ ପ୍ରଭାବିତ କରିଛି। ଏଥିସହ ୫୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସମବାୟ ଆନ୍ଦୋଳନ ମାଧ୍ୟମରେ ୫,୩୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ କରାଯାଇଛି।

# ଖଡ଼ଗପୁର ଡିଭିଜନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ ବାତିଲ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖଡ଼ଗପୁର ଡିଭିଜନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି, କାର୍ଯ୍ୟଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନା ପାଇଁ କେତେକ ଟ୍ରେନର ଚଳାଚଳକୁ ନିର୍ଦ୍ଦିଷ୍ଟ ତାରିଖରେ ବାତିଲ୍ କରାଯାଇଛି।

ସେହି ଅନୁଯାୟୀ, ଟ୍ରେନ ନମ୍ବର ୧୨୮୩୭ ହାୱଡ଼ା-ପୁରୀ, ଟ୍ରେନ ନମ୍ବର ୧୨୮୩୮ ପୁରୀ-ହାୱଡ଼ା, ଟ୍ରେନ ନମ୍ବର ୧୮୦୦୫ ହାୱଡ଼ା-ଜଗଦଲପୁର, ଟ୍ରେନ ନମ୍ବର ୧୮୦୦୬ ଜଗଦଲପୁର-ହାୱଡ଼ା ଏବଂ ଟ୍ରେନ ନମ୍ବର ୨୨୮୯୦ ପୁରୀ-ଦୀଘା ୧୯ ସେପ୍ଟେମ୍ବର ୨୦୨୬ ଦିନ ଯାତ୍ରା ଆରମ୍ଭ କରିବାକୁ ଥିବା ଟ୍ରେନଗୁଡ଼ିକ ବାତିଲ୍ ରହିବ। ଏହା ବ୍ୟତୀତ, ଟ୍ରେନ ନମ୍ବର ୨୨୮୮୯ ଦୀଘା-ପୁରୀ ୨୦ ସେପ୍ଟେମ୍ବର ୨୦୨୬ ଦିନ ଯାତ୍ରା ଆରମ୍ଭ କରିବାକୁ ଥିବା ଗାଡ଼ି ମଧ୍ୟ ବାତିଲ୍ ରହିବ। ଯାତ୍ରା ଆରମ୍ଭ କରିବା ପୂର୍ବରୁ ଟ୍ରେନ୍‌ର ଅଧିକ ସୂଚନା ପାଇଁ ଯାତ୍ରୀମାନେ ନ୍ୟାସନାଲ୍ ଟ୍ରେନ୍ ଇନ୍‌କ୍ୱାୟାରି ସିଷ୍ଟମ୍ କିମ୍ବା ଭାରତୀୟ ରେଳବାଇର ଅଧିକୃତ ୱେବସାଇଟ୍ ଯାଞ୍ଚ କରିବାକୁ ପରାମର୍ଶ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ କୋଚିଂ କେନ୍ଦ୍ର ଉଦ୍‌ଘାଟିତ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ରେଙ୍ଗାଲିସ୍ଥିତ ପୁରୁଣା ବିଇଓ କାର୍ଯ୍ୟାଳୟ ପରିସରରେ ଜ୍ଞାନାର୍ଜନ ପ୍ରକଳ୍ପ ଅଧୀନରେ ଓଡ଼ିଆ ମାଧ୍ୟମ ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଫାଉଣ୍ଡେସନ୍ କୋର୍ସ କୋଚିଂ କେନ୍ଦ୍ର ଏବଂ ସରକାରୀ ଚାକିରି ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ କୋଚିଂ କେନ୍ଦ୍ରର ଉଦ୍‌ଘାଟନ କରାଯାଇଥିଲା।




ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ଉପସ୍ଥିତିରେ ବିଶ୍ୱ ସାକ୍ଷରତା ଦିବସ ମଧ୍ୟ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକଙ୍କ ସହ ଯୋଗଦେଇଥିଲେ। ନିକଟସ୍ଥ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ପଦକ୍ଷେପ ମାଧ୍ୟମରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପ୍ରାୟ ୧୨୦ ଜଣ ଛାତ୍ରଛାତ୍ରୀଙ୍କୁ ମାଗଣା କୋଚିଂ ଓ ଶିକ୍ଷାଗତ ସହାୟତା ପ୍ରଦାନ କରାଯିବ। ଏଥିସହ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ସରକାରୀ ଚାକିରି ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷାର ମାଗଣା ପ୍ରସ୍ତୁତି ଓ କୋଚିଂ ସୁବିଧା ମଧ୍ୟ ଯୋଗାଇ ଦିଆଯିବ।

ଉଦ୍‌ଘାଟନୀ ସମାରୋହରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ରେଙ୍ଗାଲି ଜୋନ୍ ନଂ-୨ ଜିଲ୍ଲା ପରିଷଦ ସଦସ୍ୟ ଦେଏନାରାୟଣ ତିୱାରୀ, ସମ୍ବଲପୁର ସିନିୟର ସିଟିଜେନ୍ସ ଆସୋସିଏସନ୍‌ର ସଭାପତି ଅନ୍ତର୍ଯ୍ୟାମୀ ପାଣି, ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗାର ୟୁନିଟ୍ ହେଡ୍ ଜଗନ୍ନାଥ ପ୍ରସାଦ ନାୟକ, ଏଚ୍‌ଆର୍ ହେଡ୍ ବିନୋଦା ନନ୍ଦ ଠାକୁର, କର୍ପୋରେଟ୍ ଲିଆଇଜନିଂ, ଭୁବନେଶ୍ୱରର ସୌଭାଗ୍ୟ ତ୍ରିପାଠୀ ଏବଂ ବିରାଟ୍ ଇନ୍‌ଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶକ ରାହୁଲ ରାଜ ଯୋଗଦେଇଥିଲେ।

ଏହି ଅବସରରେ ବହୁ ସଂଖ୍ୟକ ସ୍ଥାନୀୟ ସମୁଦାୟ ସଦସ୍ୟ, ଅଭିଭାବକ ଓ ଅନ୍ୟାନ୍ୟ ଅଂଶୀଦାରମାନେ ମଧ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଭାଗୀ ହୋଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ବିଧାୟକ ସୁଦର୍ଶନ ହରିପାଲ ନିରନ୍ତର ଶିକ୍ଷା ଗ୍ରହଣ କରିବା, ନିଜ ଲକ୍ଷ୍ୟ ପ୍ରତି ଏକାଗ୍ର ରହିବା ଏବଂ ନିୟମିତ ଭାବେ ପରିଶ୍ରମ କରି ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ସେ ଆଦିତ୍ୟ ଆଲୁମିନିୟମ୍, ଲପଙ୍ଗା ପକ୍ଷରୁ ନିଆଯାଇଥିବା ଏହି ପ୍ରୟାସକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀ ଓ ଯୁବସମାଜ ପାଇଁ ଶିକ୍ଷାର ସୁଯୋଗ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷାର ପ୍ରସ୍ତୁତି ସୁବିଧା ଯୋଗାଇଦେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ସମୁଦାୟ ସଦସ୍ୟ, ଅଭିଭାବକ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ଅଞ୍ଚଳରେ ଏଭଳି ଶିକ୍ଷାମୂଳକ କାର୍ଯ୍ୟକ୍ରମର ନିରନ୍ତର କାର୍ଯ୍ୟାନ୍ୱୟନ ପାଇଁ ନିଜର ସମର୍ଥନ ଜଣାଇଥିଲେ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ୟୁଏଇ ନିବେଶକଙ୍କୁ ...

ଆସୋସିଏସନ ଓ ଜେଏସଡବ୍ଲୁ ଗ୍ରୁପ ସହ ଶିଳ୍ପ ପ୍ରତିନିଧିମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ରାଉଣ୍ଡଟେବୁଲ୍ ବୈଠକରେ ଆଲୋଚନା କରିଛନ୍ତି। ଆଲୋଚନାରେ ମେଟାଲ୍ ରିସାଇକ୍ଲିଂ, ସର୍କୁଲାର ଇକୋନୋମି, ରିସୋର୍ସ ଏଫିସିଏନ୍ସି ଓ ଭାଲ୍ୟୁ-ଆଡେଡ୍ ମାନୁଫାକଚରିଂ ଉପରେ ଗୁରୁତ୍ୱ ଦିଆଯାଇଛି। ଓଡ଼ିଶାର ବିକଶିତ ମେଟାଲ୍ ଓ ମାନୁଫାକଚରିଂ ଇକୋସିଷ୍ଟମ୍‌କୁ ଆଧାର କରି ରିସାଇକ୍ଲିଂ, ସେକେଣ୍ଡାରୀ ମେଟାଲ୍ ଓ ସର୍କୁଲାର ଇଣ୍ଡଷ୍ଟ୍ରିରେ ନିବେଶ ଓ ପ୍ରଯୁକ୍ତି ସହଯୋଗ ପାଇଁ ଶିଳ୍ପପତିମାନଙ୍କୁ ଓଡ଼ିଶା ଆସିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୁବାଇର ଜେବେଲ ଅଲୀ ସ୍ଥିତ ଏମିରେଟ୍ସ ଗ୍ଲୋବାଲ ଆଲୁମିନିୟମ୍ (ଇଜିଏ)ର ଉତ୍ପାଦନ କାରଖାନା ପରିଦର୍ଶନ କରି ଅତ୍ୟାଧୁନିକ ଆଲୁମିନିୟମ୍ ଉତ୍ପାଦନ ପ୍ରଯୁକ୍ତି ଏବଂ ବିଶ୍ୱସ୍ତରୀୟ ଶିଳ୍ପ ପ୍ରଚଳନ ସମ୍ପର୍କରେ ଅବଗତ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନାଲକୋ-ଇଜିଏ ଟେକ୍ନୋଲୋଜି ଲାଇସେନ୍ସ ଭାଗିଦାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସହଭାଗିତା ମାଧ୍ୟମରେ ଇଜିଏର ବୈଷୟିକ ଦକ୍ଷତା ଏବଂ ଓଡ଼ିଶାରେ ନାଲକୋର ଦୃଢ଼ ଆଲୁମିନିୟମ୍ ଉତ୍ପାଦନ ଭିତ୍ତି ଏକାଠି ହେବ। ଏହି ଭାଗିଦାରିତା ଆଲୁମିନିୟମ୍ ଶିଳ୍ପର ଆଧୁନିକୀକରଣ, ଉତ୍ପାଦନ କ୍ଷମତା ବୃଦ୍ଧି, କମ୍ କାର୍ବନ୍ ନିର୍ଗମନ ସହ ଉତ୍ପାଦନ ଏବଂ ଅଧିକ ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦ ପ୍ରସ୍ତୁତିକୁ ସହାୟତା କରିବ। ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ ଦୁବାଇରେ 'ୱାନ୍ ଡିଷ୍ଟ୍ରିକ୍ଟ, ୱାନ୍ ପ୍ରଡକ୍ଟ' (ଓଡିଓପି) ଗ୍ୟାଲେରୀ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ଗ୍ୟାଲେରୀରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ସ୍ୱତନ୍ତ୍ର କଳା ଓ ହସ୍ତଶିଳ୍ପ ସ୍ଥାନ ପାଇଛି। ଏଥିରେ ସମ୍ବଲପୁରୀ ଶାଢ଼ି, କଟକର ମଣିଆବନ୍ଧା ହସ୍ତତନ୍ତ, କଟକର ରୂପା ତାରକସୀ, ରାୟଗଡ଼ାର ଡୋଙ୍ଗରିଆ ଶାଲ, କେନ୍ଦୁଝରର ଟେରାକୋଟା ମୂର୍ତ୍ତି, ବାଲେଶ୍ୱରର ବ୍ଲାକ୍ ଗ୍ରାନାଇଟ୍ ଆଧୁନିକ ମୂର୍ତ୍ତି ଏବଂ ପୁରୀର ପଟ୍ଟଚିତ୍ର ଓ ତାଳପତ୍ର ଖୋଦେଇ କଳା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଓଡ଼ିଶାର କାରିଗରଙ୍କ ପାରମ୍ପରିକ ଦକ୍ଷତା, ସୃଜନଶୀଳତା ଓ ସାଂସ୍କୃତିକ ପରିଚୟକୁ ବିଶ୍ୱ ବଜାର ସହ ଯୋଡ଼ିବାର ଏକ ପ୍ରମୁଖ ପଦକ୍ଷେପ। ଏହା ମାଧ୍ୟମରେ ମହିଳା ଉଦ୍ୟୋଗୀଙ୍କୁ ନୂଆ ବଜାର, ଅଧିକ ରୋଜଗାର ଓ ଉଦ୍ୟମିତାର ସୁଯୋଗ ମିଳିବା ସହ ଓଡ଼ିଶାର ପାରମ୍ପରିକ ଉତ୍ପାଦର ରପ୍ତାନୀ ସମ୍ଭାବନା ବଢ଼ିବ ବୋଲି ସେ ସୂଚନା ଦେଇଛନ୍ତି।

## ଦ୍ୱିପାକ୍ଷିକ ସମ୍ପର୍କ ...

ଯୋଗଦେବେ। ସମ୍ମିଳନୀରେ ସାଧାରଣ ପ୍ରାଥମିକତା ଉପରେ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ମଜଭୁତ କରିବା ସହ ବିଶ୍ୱ ଓ ଆଞ୍ଚଳିକ ସ୍ତରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତବିନିମୟ ହେବ ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କୂଟନୀତି ସାଧାରଣତଃ ରାଉଣ୍ଡ ଟେବୁଲ ବା ଗୋଲ୍ ଟେବୁଲ୍ ବୈଠକରେ ହିଁ ରଚା ଯାଇଥାଏ । ବିଶ୍ୱନେତାମାନଙ୍କ ମଧ୍ୟରେ ଆଲୋଚନା ରୁଦ୍ଧଦ୍ୱାର ବୈଠକରେ ହୋଇଥାଏ । ତେବେ ଏଇ ଅଳ୍ପ କିଛିଦିନ ମଧ୍ୟରେ ଗୋଲଟେବୁଲର ସ୍ଥାନ ନେଇଛି କାର୍ । ଦାମୀ ଓ ସୁରକ୍ଷିତ କାରରେ ଦୁଇ ଦେଶର ରାଷ୍ଟ୍ରମୁଖ୍ୟ କେଇ ମୁହୂର୍ତ୍ତ ବୁଲାବୁଲି କରି ଅନ୍ତରଙ୍ଗ ଆଳାପ କରିବା ସହ କୂଟନୀତିକୁ ପୂର୍ଣ୍ଣ ରୂପ ଦେବା ଏବେ ନୂଆ ଟ୍ରେଣ୍ଡ ଭାବେ ଉଭା ହୋଇଛି।

## ୮ ବିଧାୟକଙ୍କ...

ଦେଇଥିବାରୁ ସଦସ୍ୟତା ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ଦଳ ପକ୍ଷରୁ ପିଟିସନ ଦାଖଲ କରାଯାଇଥିଲା। କିନ୍ତୁ ଟେକ୍ନିକାଲ ଗ୍ରାଉଣ୍ଡରେ ବାଚସ୍ପତି ଉକ୍ତ ପିଟିସନକୁ ଖାରଜ କରିଥିଲେ । ବାଚସ୍ପତିଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ବିଜେଡି ହାଇକୋର୍ଟରେ ରିଟ୍ ପିଟିସନ ଦାଖଲ କରିଛି । ଏନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସୂଚନା ଦେଇଛନ୍ତି । ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ନବ କିଶୋର ମଲ୍ଲିକ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରଧର କହଁର, ଅରବିନ୍ଦ ମହାପାତ୍ର ଏବଂ ସନାତନ ମହାକୁଡ଼ କ୍ରସ ଭୋଟିଂ କରିଥିଲେ ।

## ଓରାଙ୍ଗଉଟାନ...

ତଦନ୍ତ ଓ ପ୍ରଗତି ସମ୍ପର୍କରେ ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିବ ବୋଲି ସେ ସୂଚନା ଦେଇଛନ୍ତି। ଓରାଙ୍ଗଉଟାନ ଭଳି ସୁରକ୍ଷିତ ବନ୍ୟଜନ୍ତୁକୁ ଏଠାକୁ ଆଣିବା ଘଟଣା ପଛରେ ବନ୍ୟଜନ୍ତୁ ଚାଲାଣ ରାକେଟର ସମ୍ପୃକ୍ତି ରହିଛି କି ନାହିଁ, ତାହା ମଧ୍ୟ ତଦନ୍ତର ପ୍ରମୁଖ ଦିଗ ହୋଇଛି। ଏସ୍‌ଟିଏଫ୍‌ର ତଦନ୍ତ ଆଗକୁ ବଢ଼ିବା ସହ ଘଟଣାର ରହସ୍ୟ ଉପରୁ ପରଦା ହଟିବ ବୋଲି ଆଶା କରାଯାଉଛି।

## ରାଜସ୍ୱ ପର୍ଷଦର...

ବନ୍ଦୋବସ୍ତ ଆୟୁକ୍ତ, ଚକବନ୍ଦୀ ଏବଂ ନିବନ୍ଧନ ମହାନିରୀକ୍ଷକଙ୍କ ଭଳି ପ୍ରମୁଖ ରାଜସ୍ୱ ସଂସ୍ଥା ସମ୍ପର୍କରେ ମଧ୍ୟ ସୂଚନାକୁ ସହଜରେ ଉପଲବ୍ଧ କରାଯାଇଛି।

## ଟ୍ରକ-ବୋଲେରୋ...

ସହିତ ବୋଲେରୋ ହଠାତ୍ ଧକ୍କା ଖାଇଥିଲା। ଘଟଣାସ୍ଥଳରେ ଆଠ ଜଣଙ୍କର ମୃତ୍ୟୁ ହୋଇଥିଲା, ଯେତେବେଳେ ଆହତମାନଙ୍କ ମଧ୍ୟରୁ ଜଣେ ହସ୍ପିଟାଲରେ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ମଧ୍ୟରେ ଛଅ ଜଣ ମହିଳା ଏବଂ ତିନି ଜଣ ଶିଶୁ ଅଛନ୍ତି।ନଅ ଜଣ ଆହତଙ୍କୁ ତୁରନ୍ତ ଡାକ୍ତରଖାନାକୁ ପଠାଯାଇଥିଲା।

## ପ୍ରଧାନମନ୍ତ୍ରୀଙ୍କ...

ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ଏବଂ ମୃତ ଏବଂ ଆହତଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ଜାତୀୟ ରିଲିଫ ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଏବଂ ଆହତଙ୍କୁ ୫୦,୦୦୦ ଟଙ୍କା ଲେଖାଏଁ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ସମବେଦନା ଜଣାଇବା ସହ ଏହି ଦୁଃଖଦ ସମୟରେ ତାଙ୍କର ସମବେଦନା ଶୋକସନ୍ତପ୍ତ ପରିବାର ସହିତ ରହିଛି ବୋଲି କହିଛନ୍ତି। ଏଥି ସହିତ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ପାଞ୍ଚ ଦିନିଆ ...

ଅଧିକାରୀ ଓ କର୍ମଚାରୀ ମାନେ ପ୍ରତିଦିନ ଗ୍ରାହକ ସେବା ସହିତ ବିଭିନ୍ନ ବ୍ୟବସାୟିକ ଲକ୍ଷ୍ୟ ପୂରଣରେ ନିରନ୍ତର ନିୟୋଜିତ ଅଛନ୍ତି। ସଂଘପକ୍ଷରୁ କୁହାଯାଇଛି ଯେ, ବ୍ୟାଙ୍କର ସାମୂହିକ ସଫଳତାରେ ଶାଖା ସ୍ତରର ଅଧିକାରୀ ଓ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ସତ୍ତ୍ୱେ କାର୍ଯ୍ୟ ଦକ୍ଷତା ଆଧାରିତ ପ୍ରୋତ୍ସାହନ ବ୍ୟବସ୍ଥାରେ ଅସମାନତା ଦେଖାଦେଇଛି ।ବ୍ୟାଙ୍କର ବ୍ୟବସାୟିକ ଫଳାଫଳ ପଛରେ ସମସ୍ତଙ୍କ ଅବଦାନ ଥିବାରୁ ପ୍ରୋତ୍ସାହନ ବ୍ୟବସ୍ଥା ମଧ୍ୟ ନ୍ୟାୟସଙ୍ଗତ ଓ ସମାନତା ଆଧାରିତ ହେବା ଆବଶ୍ୟକ। ପାଞ୍ଚଦିନିଆ ବ୍ୟାଙ୍କିଂ ବ୍ୟବସ୍ଥାର ଦାବି ବର୍ତ୍ତମାନ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍, ଏଟିଏମ୍, ମୋବାଇଲ୍ ବ୍ୟାଙ୍କିଂ ଓ ଅନ୍ୟାନ୍ୟ ବିକଳ୍ପ ସେବା ମାଧ୍ୟମରେ ୨୪ ଘଣ୍ଟିଆ ବ୍ୟାଙ୍କିଙ୍ଗ୍ ସୁବିଧା ଉପଲବ୍ଧ ରହିଛି। ଏହି ପରିପ୍ରେକ୍ଷୀରେ ପାଞ୍ଚଦିନିଆ ବ୍ୟାଙ୍କିଂ ବ୍ୟବସ୍ଥା ଏବେ ସମୟର ଆବଶ୍ୟକତା ବୋଲି ଅଧିକାରୀ ଓ କର୍ମଚାରୀ ସଂଘ ପକ୍ଷରୁ ଦାବି କରାଯାଇଛି। ଏହା ଦ୍ୱାରା ଅଧିକାରୀ ଓ କର୍ମଚାରୀଙ୍କ କାର୍ଯ୍ୟ-ଜୀବନ ସନ୍ତୁଳନ, ମାନସିକ ସୁସ୍ଥତା ଓ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହିତ ଦୀର୍ଘ ମିଆଦୀ ଭାବେ ବ୍ୟାଙ୍କିଂ ବାର ଗୁଣବତ୍ତା ମଧ୍ୟ ବୃଦ୍ଧି ପାଇବ ବୋଲି ସଂଘ ମତ ଦେଇଛି। ଇଣ୍ଡିଆନ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ସଂଘର ମତରେ, ଏହି ଆନ୍ଦୋଳନ କେବଳ ଅଧିକାରୀ ଓ କର୍ମଚାରୀଙ୍କ ସୁବିଧା ପାଇଁ ନୁହେଁ ବରଂ ଏକ ନ୍ୟାୟ ସଙ୍ଗତ, ସୁସ୍ଥ, ନୈତିକ ଓ ଦାୟିତ୍ୱ ଶୀଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପାଇଁ ଏହା ଏକ ସାମୂହିକ ସ୍ୱର।

## ଏସ୍‌ବିଆଇ ସହ...

ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏସ୍‌ବିଆଇକୁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ, ଦୁର୍ଗମ ଅଞ୍ଚଳରେ କଠିନ ପରିସ୍ଥିତିରେ ଦାୟିତ୍ୱ ତୁଲାଉଥିବା ଓଏସ୍‌ଏସ୍‌ଏଫ୍ ଯବାନମାନଙ୍କ ପାଇଁ ଏହି ସୁବିଧାଗୁଡ଼ିକ ଉପଯୋଗୀ ହେବ। ଏହା ଯବାନମାନଙ୍କ ମନୋବଳ ବଢ଼ାଇବ। ସରକାରଙ୍କ ପକ୍ଷରୁ ମିଳୁଥିବା ସୁବିଧା ବ୍ୟତୀତ ଏଗୁଡ଼ିକ ଅତିରିକ୍ତ ସୁବିଧା ଭାବେ ମିଳିବ।ଓଡ଼ିଶା ପୋଲିସ ପକ୍ଷରୁ ଆଇଜିପି (ଅପରେସନ)ଡ. ଦୀପକ କୁମାର ଏବଂ ଏସ୍‌ବିଆଇ ପକ୍ଷରୁ ଡିଜିଏମ୍ ଆଶିଷ କୁମାର ମିଶ୍ର ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ବର୍ତ୍ତମାନ ରାଜ୍ୟର ୪ଟି ଓଏସ୍‌ଏସ୍‌ଏଫ୍ ବାଟାଲିୟନ୍‌ରେ ପ୍ରାୟ ୪,୦୦୦ ପୂର୍ବତନ ସେନା ଓ ସିଏପିଏଫ୍ ଯବାନ କାର୍ଯ୍ୟରତ ଅଛନ୍ତି। ସେମାନେ ବିଭିନ୍ନ ଅଞ୍ଚଳରେ, ବିଶେଷକରି ନକ୍ସଲ ବିରୋଧୀ ଅଭିଯାନରେ ନିୟୋଜିତ ଅଛନ୍ତି। ଏହି ଏମ୍‌ଓୟୁ ଅନୁଯାୟୀ, ଓଏସ୍‌ଏସ୍‌ଏଫ୍ ଯବାନମାନେ ଏସ୍‌ବିଆଇର କର୍ପୋରେଟ୍ ସାଲାରୀ ପ୍ୟାକେଜ୍‌ରେ ବିଭିନ୍ନ ସୁବିଧା ପାଇବେ। ଏଥିରେ ୫୦ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା, ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏୟାର୍ ଆମ୍ବୁଲାନ୍ସ ଖର୍ଚ୍ଚ, ସନ୍ତାନଙ୍କ ଉଚ୍ଚଶିକ୍ଷା ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଏବଂ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ରହିଛି। ଏହାସହ ପରିବାର ସଦସ୍ୟଙ୍କ ପାଇଁ 'ରିଷ୍ଟେ ଆକାଉଣ୍ଟ', ବ୍ୟକ୍ତିଗତ ଋଣ ଏବଂ ବାର୍ଷିକ ୧,୯୯୯ ଟଙ୍କା ପ୍ରିମିୟମ୍‌ରେ ୫ ଲକ୍ଷ ଟଙ୍କାର ଇଚ୍ଛାଧୀନ ସ୍ୱାସ୍ଥ୍ୟ ବୀମା ଭଳି ସୁବିଧା ମଧ୍ୟ ମିଳିବ। କାର୍ଯ୍ୟକ୍ରମରେ ଏସ୍‌ଓଜି କମାଣ୍ଡାଣ୍ଟ ଲୋଚନ ପଶାୟତ, ଓଏସ୍‌ଏସ୍‌ଏଫ୍ ର ଭାରପ୍ରାପ୍ତ କମାଣ୍ଡାଣ୍ଟ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ଓଏସ୍‌ଏସ୍‌ଏଫ୍ ଓ ଏସ୍‌ବିଆଇର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆମେରିକାର ଜାହାଜ ...

ପରିଷଦ ୟେମେନରେ ଏକ ବୈଠକ କରିଛି। ମିଳିତ ଜାତିସଂଘରେ ୟେମେନ ସରକାରଙ୍କ ପ୍ରତିନିଧି କହିଛନ୍ତି ଯେ ପଡୋଶୀ ଦେଶ ଏବଂ ଏହି ଅଞ୍ଚଳର ସାଧାରଣ ନାଗରିକଙ୍କ ବିରୋଧରେ 'ହୁତି ଆତଙ୍କବାଦୀ' ଗୋଷ୍ଠୀର ଆକ୍ରମଣ ବୃଦ୍ଧି ପାଇଛି। ସାଉଦି ଆରବର ଜାତିସଂଘ ପ୍ରତିନିଧି ଅବଦୁଲ ଅଜିଜ ଅଲ-ୱାସିଲ କହିଛନ୍ତି ଯେ ହୁତି ଆକ୍ରମଣକୁ ରୋକିବା ପାଇଁ ତାଙ୍କ ଦେଶ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଇ ନିଜର ସୁରକ୍ଷାକୁ ସୁରକ୍ଷିତ ରଖିବ। ପାକିସ୍ତାନର ଜାତିସଂଘ ପ୍ରତିନିଧି କହିଛନ୍ତି ଯେ ୟେମେନରେ ବୃଦ୍ଧି ପାଉଥିବା ସଂଘର୍ଷ ବ୍ୟାପକ ଅଞ୍ଚଳ ପାଇଁ ସମ୍ଭାବ୍ୟ ସୁଦୂରପ୍ରସାରୀ ପରିଣାମ ଆଣିବ। ତୁରନ୍ତ କୂଟନୈତିକ ସମାଧାନ ପାଇଁ ସେ ଅନୁରୋଧ କରିଥିଲେ। ପରେ ଇରାନର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତି ଜାରି କରିଥିଲା। ଏଥିରେ କୁହାଯାଇଛି ଯେ ୟେମେନର 'ଚାପ, ଧମକ ଏବଂ ନିର୍ଦ୍ଦୟ ଅବରୋଧରୁ ମୁକ୍ତ ଏକ ମର୍ଯ୍ୟାଦାଜନକ ଜୀବନ ବଞ୍ଚିବାର ଅଧିକାର ରହିଛି'। ବିଶ୍ୱ ଏହାର ଜାତୀୟ ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ସମ୍ପୂର୍ଣ୍ଣ ସମ୍ମାନ ଦେବା ଆବଶ୍ୟକ।

# ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ମାଗିଲେ ତେଲକୋଇ ବିଧାୟକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷା ମାଗିଛନ୍ତି ତେଲକୋଇ ବିଧାୟକ ଫକୀର ମୋହନ ନାଏକ। ବିଧାୟକ ତୁରନ୍ତ ସୁରକ୍ଷା ବ୍ୟବସ୍ଥା ବଢ଼ାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି। କିଛିଦିନ ଧରି ସୋସିଆଲ ମିଡିଆରେ ତାଙ୍କୁ ଧମକ ମିଳୁଥିବା ସେ ଅଭିଯୋଗ କରିଛନ୍ତି। ଏହି ଧମକ ଯୋଗୁ ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ ଆଶଙ୍କା ପ୍ରକାଶ କରିଛନ୍ତି। ତେଲକୋଇ ନିର୍ବାଚନମଣ୍ଡଳିରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ରହିଛି। ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ଦାବି କରିଛନ୍ତି ବିଧାୟକ ଶ୍ରୀ ନାଏକ।

34001/789/2627
E-mail ID: eepwd765017@gmail.com
Phone-(06856)233066

**OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II Rayagada**

Letter No. 3597 Dated 08/09/2026.

**CANCELLATION OF BID**

The bid for the work- Repair and Maintenance of Science Higher Secondary School, Gudari for the year 2026-27 (Civil & El work) which was invited vide this office **TCN No-RC (RANDB) RGD NO-II 06-2026-27 dated 05.08.2026** (Online) is hereby cancelled due to some unavoidable circumstances.

Sd/- Superintending Engineer
Rayagada (R&B) Division No-II

OIPR-34001/34139/1/26-27/0008

**OFFICE OF THE ROURKELA MUNICIPAL CORPORATION : ROURKELA**
**INVITATION FOR BID**
No. 14329 Dated 11/09/2026
13001/1842/2627
**Bid Identification No. :- MC/RMC/60/2026**

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification **No. MC/RMC/60/2026** for **04** nos. Civil work with value of **Rs. 20.51 lakh to 36.13 Lakh.**

1. Bid documents will be available in website www.tendersorissa.gov.in from **11.09.2026**.
2. Bids must be submitted on "online" on or before **22.09.2026 by 17.00 hours**.
3. Bids shall be opened at 11.00 hours on **23.09.2026** in the office of the undersigned in the presence of the bidders or their authorized agents.
4. Other details will be available in the web site tendersorissa.gov.in

Sd/- Municipal Commissioner,
Rourkela Municipal Corporation

OIPR-13001/13131/1/26-27/0052

13001/1843/2627
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001

ପତ୍ର ସଂଖ୍ୟା- ୧୮୯୧୬ / ଭୁ.ଉ.କ., ଭୁବନେଶ୍ୱର, ତା ୦୩.୦୯.୨୦୨୬ /ରିଖ
CPDCP-455/94

ଏତତ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଡିଷ୍ଟ୍ରିକ ସେଣ୍ଟର ସେଲ୍‌ଫ ଫାନାର୍ସିଙ୍ଗ କମରସିଆଲ୍ କମ୍ପ୍ଲେକ୍ସ, ମୌଜା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-144 ଶ୍ରୀ ମାନସ ପଟ୍ଟନାୟକ, ପିତା-ଡଃ ସୁଧାକର ପଟ୍ଟନାୟକ, ପ୍ଲଟ୍ ନଂ-2106/3344, ସୁଧାସରଜିନୀ, ସାମାନ୍ତପୁର, ପୋ-ଓଲ୍ଡ ଟାଉନ୍, ଥାନା- ଶ୍ରୀ ଲିଙ୍ଗରାଜ, ଭୁବନେଶ୍ୱର, ପିନ୍-751002, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ଆବଣ୍ଟନଗ୍ରାହୀ ମାନସ ପଟ୍ଟନାୟକ ଗତ ତା-19.04.2026 ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate No.6414/2026 dated 08.05.2026)

Legal heir certificate No.E-LHC/2026/104457, dated 21.06.2026 ଅନୁଯାୟୀ ୰ସ୍ୱର୍ଗତ ମାନସ ପଟ୍ଟନାୟକ ଉତ୍ତରାଧିକାରୀ (୧) ଜ୍ୟୋସ୍ନାରାଣୀ (ସ୍ତ୍ରୀ), (୨) ଐଶ୍ୱର୍ଯ୍ୟା ପଟ୍ଟନାୟକ (କନ୍ୟା), ଓ (୩) ଆଶିଷରାଜ ପଟ୍ଟନାୟକ (ପୁତ୍ର) ଅଟନ୍ତି।

ବର୍ତ୍ତମାନ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟର ମାଲିକାନାସତ୍ୱ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଉକ୍ତ ପ୍ଲଟର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୁତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧,
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/26-27/0133

GOVERNMENT OF ODISHA
OFFICE OF THE EXECUTIVE ENGINEER RURAL WORKS DIVISION-II,SUNDARGARII
E.Mail-rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-20 of 2026-27**
25001/1139/2627

1. Name of the Work : Building Works
2. Total No. of works : 09, (Two Nos)
3. Estimated cost : Rs. 6.52 Lakhs to Rs 14.24 Lakhs
4. Class of contractor : "D" & "C" Class
5. Period of completion : 02 (Two) Months
6. Type of Tender : SingleCover
7. Other details

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division- II. Sundargarh | Online - EERKL-20 of 2026-27 | 18.09.2026 from 10.00 AM | 25.09.2026 upto 05.00 PM | 24.09.2026 upto 5.00 PM | 28.09.2026 at 11.00 AM |

Further details can be seen from the website www.tendersorissa.gov.in & for more information please visit the office.

Sd/- Executive Engineer
RW Division-II, Sundargarh

OIPR-25001/25193/1/26-27/0035

**Government of Odisha "e" Procurement Notice**
**Bid Identification No.04 of 2026-27**
25001/1145/2627

| | | |
|---|---|---|
| 1 | Number of Works : | **09 Nos. of Works (Roads- 04 nos & Building-05 nos)** |
| 2 | Estimated Cost (**Aprox.**): | **₹5.03 to ₹48.21 lakh (Approx.)** |
| 3 | Period of Completion : | **Mentioned against NIT Table Col.06** |
| 4 | Date & Time of availability of Bid documents in the Portal : | **24/09/2026 at 11:00 Hrs.** |
| 5 | Last date & time for receipt of Bids in the Portal : | **07/10/2026 at 17:00 Hrs.** |
| 6 | Date of Opening of Tender : | **08/10/2026 5at 11:00 Hrs.** |
| 7 | Name and address of the Officer Inviting Bid : | **Executive Engineer, Rural Works Division, Jagatsinghpur** |

Further details can be seen from the Governmentwebsite:www.tendersorissa.gov.in

Sd/- Executive Engineer
Rural Works Division, Jagatsinghpur

OIPR-25001/25056/1/26-27/0008

ଭୁବନେଶ୍ୱର, ୧୨ ସେପ୍ଟେମ୍ବର, ଶନିବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବ : ୨୩ ଜଣଙ୍କୁ ସ୍ୱର୍ଣ୍ଣ ପଦକ

**କଟକ,୧୧।୯ :ନ୍ୟୁଜ୍‌ବ୍ୟୁରୋ**

ଶନିବାର ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁଓ)ରେ ୧୩ତମ ସମାବର୍ତ୍ତନ ସମାରୋହ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ମୋଟ ୨୪୬ ଜଣ ସ୍ନାତକ ଓ ଗବେଷକଙ୍କୁ ବିଭିନ୍ନ ଡିଗ୍ରୀ ପ୍ରଦାନ କରାଯିବ। ଏହି ଅବସରରେ ୨୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ। ଏହାବ୍ୟତୀତ ସମାବର୍ତ୍ତନ ଉତ୍ସବରେ ୬ ଜଣଙ୍କୁ ପିଏଚ୍‌ଡି, ୪୮ ଜଣଙ୍କୁ ଏଲ୍‌ଏଲ୍.ଏମ୍ ଏବଂ ସ୍ନାତକ ସ୍ତରରେ ୧୯୨ ଜଣଙ୍କୁ ଡିଗ୍ରୀ ଦିଆଯିବ। ସ୍ନାତକ ଶ୍ରେଣୀରେ ବି.ଏ. ଏଲ୍‌ଏଲ୍.ବି. (ଅନର୍ସ)ର ୧୦୦, ବି.ବି.ଏ. ଏଲ୍‌ଏଲ୍.ବି. (ଅନର୍ସ)ର ୪୨, ୩ ବର୍ଷିଆ ଏଲ୍‌ଏଲ୍.ବି.ର ୩୭ ଏବଂ ବି.ଏ. (ଲ') (ଅନର୍ସ)ର ୧୩ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଉଲ୍ଲେଖନୀୟ ଯେ, ଏଥର ପ୍ରଥମଥର ପାଇଁ ଏନ୍‌ଏଲ୍‌ୟୁଓର ୩ ବର୍ଷିଆ ଏଲ୍‌ଏଲ୍.ବି. ପାଠ୍ୟକ୍ରମର ପ୍ରଥମ ବ୍ୟାଚ୍ ଡିଗ୍ରୀ ହାସଲ କରିବ। ଗୋଆର



ଆଇଆଇୟୁଏଲ୍‌ଇଆରର କୁଳପତି ପ୍ରଫେସର (ଡ.) ଆର. ଭେଙ୍କଟ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାବର୍ତ୍ତନ ଅଭିଭାଷଣ ପ୍ରଦାନ କରିବେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ। ଏହାସହ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଶୀଲ ନାଗୁ, ମାଡ୍ରାସ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜୟ ଭି. ଗଙ୍ଗାପୁରୱାଲା, ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ, ଓଡ଼ିଶାର ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ଓଡ଼ିଶା ଷ୍ଟେଟ୍ ବାର୍ କାଉନସିଲ୍‌ର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ସମେତ ବହୁ ବିଶିଷ୍ଟ ଆଇନଜୀବୀ ଓ ଶିକ୍ଷାବିତ୍ ଯୋଗଦେବେ। ଏ ନେଇ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ କଟକର କୁଳପତି କେ. ବିଦ୍ୟୁତଲତା ରେଡ୍ଡୀ କହିଛନ୍ତି, 'ଓଡ଼ିଶା ଏନ୍‌ଏଲ୍‌ୟୁଓର ୧୩ତମ ସମାବର୍ତ୍ତନ ସମାରୋହ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ୨୪୬ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଉତ୍ସବରେ ପ୍ରଫେସର (ଡ.) ଆର. ଭେଙ୍କଟ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାବର୍ତ୍ତନ ଅଭିଭାଷଣ ପ୍ରଦାନ କରିବେ। ଏଥିସହିତ ଓଡ଼ିଶା ହାଇକୋର୍ଟର ବିଚାରପତି, ବରିଷ୍ଠ ଆଇନଜୀବୀ ଓ ଅଭିଭାବକମାନେ ଯୋଗ ଦେବେ।' ଚଳିତ ବର୍ଷର ୫ ବର୍ଷିଆ ଇଣ୍ଟିଗ୍ରେଟେଡ ଲ' ପାଠ୍ୟକ୍ରମ ଉପରେ ସୂଚନା ଦେଇ କୁଳପତି କହିଥିଲେ ଯେ 'ଏବର୍ଷ ୯୧ ଜଣ ପିଲା ନିଯୁକ୍ତି ପ୍ରସେସରେ ଭାଗ ନେଇଥିବାବେଳେ ୭୧ ଜଣଙ୍କୁ ବିଭିନ୍ନ ସ୍ଥାନରେ ନିଯୁକ୍ତି ମିଳିଛି।'

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣା

# ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲା ବିଜେଡି ପ୍ରତିନିଧି ମଣ୍ଡଳୀ

**ଭୁବନେଶ୍ୱର,୧୧।୯: ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଶିଆଳି ବେଳାଭୂମି ନିକଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଉକ୍ତ ଘଟଣାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରବାଦ ପୁରୁଷଙ୍କ ପ୍ରତି ଏହି ଅସମ୍ମାନକୁ ଦୃଢ଼ ନିନ୍ଦା କରିଥିଲେ। ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦୋଷୀମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ ପ୍ରତିନିଧି ମଣ୍ଡଳୀ। କର୍ତ୍ତୃପକ୍ଷ ତୁରନ୍ତ ମୂର୍ତ୍ତି ପୁନଃସ୍ଥାପନ କରିବାକୁ ଅନୁରୋଧ କରିଥିଲେ।

ଶ୍ରୀ ମୁଦୁଲି କହିଥିଲେ ଯେ, ମହାନ ବରପୁତ୍ର ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ। ଏହା ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତା ପ୍ରତି ଅପମାନ। ଶିଆଳି ବେଳାଭୂମି ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ। ବେଳାଭୂମିକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଉକ୍ତ ଘଟଣା ଦେଖି ମର୍ମାହତ ହେଉଛନ୍ତି। ପ୍ରବାଦ ପୁରୁଷ, ମହାନ ଜନନାୟକ, ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଅତ୍ୟନ୍ତ ନିନ୍ଦନୀୟ।

ବିଜେଡି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ଚିରଞ୍ଜୀବ ବିଶ୍ୱାଳ, ବିଧାୟକ ଶାରଦା ପ୍ରସନ୍ନ ଜେନା, ସମ୍ବିତ ରାଉତରାୟ, ଡ. ରାଜଶ୍ରୀ ମଲ୍ଲିକ, ମିନତୀ ବେହେରା, ଲୋରା ମହାପାତ୍ର, ଅରିନ୍ଦମ ସର୍ଖେଲ, ନାରାୟଣ ପ୍ରସାଦ ଜେନା, ଲକ୍ଷ୍ମୀପ୍ରିୟା ମହାପାତ୍ର, ପ୍ରକାଶ ପ୍ରଧାନ, ପୀତବାସ ବଚତା, ତଟିନା ସ୍ୱାଇଁ, ଡଲି ପଣ୍ଡା, ରାଣୀ ଟୁଡୁ, ଦିପ୍ତି ରଞ୍ଜନ କୁଅଁର, କମଳାକାନ୍ତ ସ୍ୱାଇଁ, ଆଦିତ୍ୟ ନନ୍ଦନ ଦାସ, ପାର୍ଥସାରଥୀ ରାଉତ ପ୍ରମୁଖ ସାମିଲ ଥିଲେ।

## ଅଭିଯୁକ୍ତଙ୍କୁ ଗୋଟିଏ ଦିନରେ ପେପର ଓ ଚାର୍ଜଫ୍ରେମ ପ୍ରଦାନ କରାଯିବା

# ବିଏନଏସଏସ ୨୬୨(୧)ରେ ଥିବା ବ୍ୟବସ୍ଥାର ସଂପୂର୍ଣ୍ଣ ଉଲ୍ଲଂଘନ : ହାଇକୋର୍ଟ

**କଟକ,୧୧।୯ ନ୍ୟୁଜ୍‌ବ୍ୟୁରୋ**

ଫୌଜଦାରୀ ମାମଲାରେ ଅଭିଯୁକ୍ତଙ୍କୁ ପୁଲିସ ପେପର ପ୍ରଦାନ କରାଯିବା ଦିନ ହିଁ ଚାର୍ଜଫ୍ରେମ କରାଯିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ର ଧାରା ୨୬୨(୧)ରେ ଥିବା ବ୍ୟବସ୍ଥାର ସଂପୂର୍ଣ୍ଣ ଉଲ୍ଲଂଘନ ବୋଲି ହାଇକୋର୍ଟ କହିଛନ୍ତି। ବିଏନଏନସି ଧାରା ୨୩୦ ଅନୁଯାୟୀ ପୁଲିସ ପେପର ଯୋଗାଇ ଦେବା ପରେ ଅଭିଯୁକ୍ତଙ୍କୁ ଡିସ୍‌ଚାର୍ଜ ଆବେଦନ ଦାଖଲ ପାଇଁ 'ଯୁକ୍ତିଯୁକ୍ତ ସମୟ' ଦେଇ ଟ୍ରାଏଲ ଅଦାଲତ ଗୁଡ଼ିକ ଚାର୍ଜଫ୍ରେମ ପ୍ରକ୍ରିୟା ସଂପାଦନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ପ୍ରଶାସନିକ ସୁବିଧା ଦୃଷ୍ଟିରୁ ପୁଲିସ ପେପର ପ୍ରଦାନ ଓ ମାମଲାରେ ଚାର୍ଜଫ୍ରେମକୁ ଏକଠି ଏକ ଦିନରେ କରାଯିବା ଉଚିତ ନୁହେଁ। ଧାରା ୨୬୨(୧) ଅଧୀନରେ ଅଭିଯୁକ୍ତଙ୍କୁ ଡିସଚାର୍ଜ ସଂପର୍କିତ ଆବେଦନ ଦାଖଲ ପାଇଁ ଦିଆଯାଇଥିବା ୬୦ ଦିନର ଅବଧି ବାଧ୍ୟତାମୂଳକ ନୁହେଁ। ଅଭିଯୁକ୍ତଙ୍କୁ ପୁଲିସ ପେପର ପ୍ରଦାନ ଓ ଚାର୍ଜଫ୍ରେମ କରାଯିବା ପ୍ରକ୍ରିୟା ମଧ୍ୟରେ ଯୁକ୍ତିଯୁକ୍ତ ସମୟ ବ୍ୟବଧାନ ରହିବା ଉଚିତ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ରାଜ୍ୟର ସମସ୍ତ ଟ୍ରାଏଲ ଅଦାଲତଗୁଡ଼ିକୁ ଏହି ପ୍ରସଙ୍ଗରେ ସାବଧାନତା ଅବଲମ୍ବନ କରିବାକୁ ହାଇକୋର୍ଟ କହିଛନ୍ତି। ଡକ୍ଟର ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜେଶ କୁମାର ମହାପାତ୍ର ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଚନ୍ଦକା ଥାନାରେ ରୁଜୁ ଏକ ମାମଲାରେ ପୁଲିସ ଆବେଦନକାରୀଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିବା ପରେ ଭୁବନେଶ୍ୱର ଜେଏମଏଫସି ଅଦାଲତ କଗନିଜାନ୍ସ ଗ୍ରହଣ କରିଥିଲେ। ୨୦୨୬, ଫେବୃୟାରୀ ୧୮ ତାରିଖରେ ପ୍ରଥମେ ଆବେଦନକାରୀଙ୍କୁ ପୁଲିସ ପେପର ପ୍ରଦାନ କରାଯାଇଥିଲା ଓ ପରେ ସେହିଦିନ ମାମଲାରେ ଚାର୍ଜଫ୍ରେମ କରାଯାଇଥିଲା। ପୁଲିସ ପେପର ମିଳିବାର ୬୦ ଦିନ ମଧ୍ୟରେ ଅଭିଯୁକ୍ତ ମାମଲାରୁ ଡିସଚାର୍ଜ ପାଇଁ ଆବେଦନ କରିପାରିବେ ବୋଲି ଆଇନଗତ ବ୍ୟବସ୍ଥା ରହିଥିବା ବେଳେ ସମାନ ଦିନରେ ଚାର୍ଜଫ୍ରେମ କରାଯିବା ଦ୍ୱାରା ଅଭିଯୁକ୍ତଙ୍କ ଅଧିକାର କ୍ଷୁଣ୍ଣ ହୋଇଥିଲା ବୋଲି ଦର୍ଶାଇ ଏହି ଆବେଦନ ହାଇକୋର୍ଟରେ ଦାୟର ହୋଇଥିଲା।

## ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ସମୀକ୍ଷା ବୈଠକ

# ଅପରାଧ ଏବଂ ଅପରାଧୀଙ୍କ ପ୍ରତି ସଜାଗ ରହିବାକୁ ଡିଜିପିଙ୍କ ପରାମର୍ଶ

**ଭୁବନେଶ୍ୱର,୧୧।୯ ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ପୂର୍ବାହ୍ନରେ କମିଶନରେଟ ପୋଲିସର ସମ୍ମିଳନୀ କକ୍ଷରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।




ଉକ୍ତ ବୈଠକରେ କମିଶନରେଟ ପୋଲିସ ଅଞ୍ଚଳରେ ବିଗତ ଦିନର ଆଇନ-ଶୃଙ୍ଖଳା ପରିସ୍ଥିତି, ବିଧାନସଭା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ, ଅପରାଧ ନିୟନ୍ତ୍ରଣ, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ, ଏନ୍‌ଡିପିଏସ୍ ଆଇନର କାର୍ଯ୍ୟକାରିତା, 'ନିଶାମୁକ୍ତ ଓଡ଼ିଶା ଅଭିଯାନ', ଟ୍ରାଫିକ ସୁପରିଚାଳନା, ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା, ପୋଲିସ ଭିତ୍ତିଭୂମି ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଡିଜିପି ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ।

ଆଗାମୀ ଦିନରେ ବିଧାନସଭା ଅଧିବେଶନ ଅନୁଷ୍ଠିତ ହେବାକୁ ଥିବାରୁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ଭାବ୍ୟ ଆନ୍ଦୋଳନ, ଧାରଣା, ଘେରାଉ ଭଳି କାର୍ଯ୍ୟକ୍ରମ ଉପରେ ସ୍ୱତନ୍ତ୍ର ନଜର ରଖିବା ସହ ଏଥି ନିମନ୍ତେ ଆଗୁଆ ପ୍ରସ୍ତୁତି ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଆଗାମୀ ତିନି ମାସ ସମୟ ପାର୍ବଣର ଋତୁ ହୋଇଥିବାରୁ ଅପରାଧ ଏବଂ ଅପରାଧୀଙ୍କ ପ୍ରତି ସଜାଗ ରହିବାକୁ ଡିଜିପି ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ। ପର୍ବପର୍ବାଣୀକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବା ପାଇଁ ଏବେଠାରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ବେଦନଶୀଳ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଶାନ୍ତି କମିଟି ବୈଠକ ଏବଂ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସଂଗଠନ ଓ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ନିରନ୍ତର ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି କଟକର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପାର୍ବଣ ସମୟରେ ନିରନ୍ତର ନଜର ରଖି ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ନେବା ସହ ଆବଶ୍ୟକତା ଅନୁଯାୟୀ ଫୋର୍ସ ମୁତୟନ ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଥିଲା।

ବୈଠକରେ ଅପରାଧ ନିୟନ୍ତ୍ରଣ ଦିଗରେ ଅଭ୍ୟାସଗତ ଓ ସଂଗଠିତ ଅପରାଧୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ, ଏନ୍‌ଡିପିଏସ୍ ଆଇନର କଡ଼ା ପ୍ରବର୍ତ୍ତନ, ଅବକାରୀ ଓ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ବିରୋଧରେ ନିୟମିତ ଚଢ଼ଉ ଓ ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ନିଶାମୁକ୍ତ ଓଡ଼ିଶା ଅଭିଯାନ'କୁ ଆହୁରି ସଶକ୍ତ କରି ନିଶାଦ୍ରବ୍ୟର ଚୋରାଚାଲାଣ ଓ ନେଟୱର୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ।

ସେହିପରି ସାଇବର ଅପରାଧ ଓ ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ହେଉଥିବା ଅପରାଧ ଉପରେ ମଧ୍ୟ ବିଶେଷ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅପରାଧରେ ବ୍ୟବହୃତ ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ, ଆବଶ୍ୟକ ମାମଲାଗୁଡ଼ିକୁ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ପଞ୍ଜୀକରଣ ଏବଂ ଅପରାଧୀ ନେଟୱର୍କ ବିରୋଧରେ ସମନ୍ୱିତ ତଦନ୍ତ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ନୂଆ ଅପରାଧିକ ଆଇନର ପ୍ରଭାବଶାଳୀ କାର୍ଯ୍ୟକାରିତା, ଫରେନସିକ୍ ସାଇନ୍ସ ଓ ବୈଜ୍ଞାନିକ ତଦନ୍ତ, ଫିଙ୍ଗରପ୍ରିଣ୍ଟ ସଂଗ୍ରହ, ଇ-ସମନ୍ସ ଓ ଇ-ସାଇନ୍‌ର ବ୍ୟବହାରକୁ ଆହୁରି ସୁଦୃଢ଼ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ପୋଲିସ କାର୍ଯ୍ୟକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ବଡି କ୍ୟାମେରା ଓ ଡ୍ୟାସ୍‌ବୋର୍ଡ କ୍ୟାମେରାର ବ୍ୟବହାର ଉପରେ ମଧ୍ୟ ଡିଜିପି ଗୁରୁତ୍ୱାରୋପ କରିଥିଲେ।

ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର (ଭୁବନେଶ୍ୱର-କଟକ) ଡ. ଦେବଦତ୍ତ ସିଂ, ଆଇଜିପି (ଇଓଡବ୍ଲୁ, ଭୁବନେଶ୍ୱର, ଏସଟିଏଫ) ହିମାଂଶୁ କୁମାର ଲାଲ, ଆଇଜିପି (ଗୁଇନ୍ଦା) ସତ୍ୟବ୍ରତ ଭୋଇ, ଆଇଜିପି (ଏସସିଆରବି) ଅବିନାଶ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ସାର୍ଥକ ଷଡ଼ଙ୍ଗୀ, ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ, ଡିସିପି (ଭୁବନେଶ୍ୱର) ଜଗମୋହନ ମୀନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

# ସମିତି ସଭ୍ୟଙ୍କୁ ଗୁଳି ମାରି ହତ୍ୟା : ହତ୍ୟାର କାରଣ ଖୋଜୁଛି ପୋଲିସ

**ସୁବର୍ଣ୍ଣପୁର,୧୧।୯ ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ବରପାଲି ଥାନା ଅନ୍ତର୍ଗତ କେବାଡ଼ ଗ୍ରାମର ସଭାପତି ନାଏକ (୬୪)ଙ୍କ ପୁଅ ଅଚ୍ୟୁତାନନ୍ଦ ନାଏକ (୩୬)ଙ୍କୁ ଜଣେ ଅଜ୍ଞାତ ବ୍ୟକ୍ତି ଡୁଙ୍ଗୁରିପାଲି ଥାନା ଅଞ୍ଚଳର ଚିନାଜୁରି ଗ୍ରାମକୁ ଆସିବା ପାଇଁ ଡାକିଥିଲେ। ସେହି ଅନୁଯାୟୀ, ଗତ ୧୦ ତାରିଖ ସନ୍ଧ୍ୟାରେ ଅଚ୍ୟୁତାନନ୍ଦ ନାଏକ ନିଜର ସ୍ୱିଫ୍ଟ ଡିଜାୟର୍ କାର୍ ଯୋଗେ କେବାଡ଼ ଗ୍ରାମସ୍ଥିତ ନିଜ ଘରୁ ଚିନାଜୁରି ଅଭିମୁଖେ ବାହାରିଥିଲେ ଏବଂ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳୁ ଘଟଣା ବିଷୟରେ ଖବର ପାଇବା ପରେ ସଭାପତି ନାଏକ ଚିନାଜୁରି ଗ୍ରାମର କେନାଲ୍ ରାସ୍ତା ଆଡ଼କୁ ଯାଇଥିଲେ, ଯେଉଁଠାରେ ସେ କେବାଡ଼-ଚିନାଜୁରି ରାସ୍ତା ଉପରେ ଉକ୍ତ କାର୍‌ଟି ଥିବାର ଦେଖିବାକୁ ପାଇଥିଲେ ଏବଂ ଗାଡ଼ି



ଭିତରେ ତାଙ୍କ ନିଜ ପୁଅର ଗୁଳି ବିଦ୍ଧ ମୃତଦେହ ପାଇଥିଲେ। ଏହି ହତ୍ୟା ଘଟଣାକୁ ଗୁରୁତର ସହ ନେଇ ଚରଣ ସିଂ ମିନ୍ନା, ଉତ୍ତରାଞ୍ଚଳ ଡିଆଇଜି, ସମ୍ବଲପୁର, ନାରାୟଣ ନାୟକ, ଏସ୍‌ପି ସୁବର୍ଣ୍ଣପୁର, ଆର.ଏନ ଶତପଥୀ, ଏସ୍‌ପି ବରଗଡ଼, କେ.କେ. ହରିପ୍ରସାଦ, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ, ସୁବର୍ଣ୍ଣପୁର, ପ୍ରିୟବ୍ରତ ବିଶ୍ୱାଳ, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ, ବରଗଡ଼, କଲ୍ୟାଣୀ ବେହେରା, ପୋଲିସ ଉପଖଣ୍ଡ ଅଧିକାରୀ, ସୋନପୁର, ଥାନା ଭାରପ୍ରାପ୍ତ ଅଧିକାରୀ ଡୁଙ୍ଗୁରିପାଲି ଓ ବରପାଲିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ତଥ୍ୟ ପ୍ରମାଣ ସକାଶେ ପୋଲିସ ବୈଜ୍ଞାନିକ ତଦନ୍ତ ଦଳ ଓ ସନ୍ଧାନୀ କୁକୁର ଉପଯୋଗ କରି ତଦନ୍ତ ଚଳାଇଛନ୍ତି। ଆସାମୀମାନଙ୍କୁ ଶୀଘ୍ର ଚିହ୍ନଟ କରି ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି ସମ୍ପର୍କରେ ଡୁଙ୍ଗୁରିପାଲି ଥାନା ହତ୍ୟା କେସ୍ ନଂ ୨୨୦/୨୦୨୬ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି।

# ଦୁଇ ଉପମୁଖ୍ୟମନ୍ତ୍ରୀ ପଦ ବିରୋଧରେ ମାମଲା : ପିଟିସନ ଖାରଜ କଲେ ହାଇକୋର୍ଟ

**କଟକ,୧୧।୯ :ନ୍ୟୁଜ୍‌ବ୍ୟୁରୋ**

ସମ୍ବିଧାନରେ 'ଉପମୁଖ୍ୟମନ୍ତ୍ରୀ' ପଦ ନେଇ କୌଣସି ବ୍ୟବସ୍ଥା ନାହିଁ। ଏହା ସତ୍ତ୍ୱେ ଓଡ଼ିଶାରେ ଦୁଇଟି 'ଉପମୁଖ୍ୟମନ୍ତ୍ରୀ' ପଦ ସୃଷ୍ଟି କରାଯାଇଛି। ଏହି ବ୍ୟବସ୍ଥାକୁ ପ୍ରତ୍ୟାହାର କରିବା ପାଇଁ ଦାଏର ପିଟିସନ୍‌କୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ଜନସ୍ୱାର୍ଥ ନାଁରେ ରୁଜୁ ଏଭଳି ମାମଲା ଗ୍ରହଣୀୟ ନୁହେଁ। ଜନସ୍ୱାର୍ଥ ମାମଲାର ଅପବ୍ୟବହାର ପାଇଁ ଅଦାଲତ ଅନୁମତି ଦେଇପାରିବେନାହିଁ ବୋଲି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେବା ସହ ମାମଲାକୁ ଖାରଜ କରିଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପଦକୁ ବିରୋଧ କରି ଆଇନଜୀବୀ ଏଲିନା ଦାଶ ଏହି ମାମଲା ଦାଏର କରିଥିଲେ। ସେ ଦର୍ଶାଇଥିଲେ ଯେ, ସାମ୍ବିଧାନିକ ବ୍ୟବସ୍ଥା ନ ଥିବା ସତ୍ତ୍ୱେ ୨୦୨୪ରେ ନୂତନ ସରକାର ଗଠନ ସମୟରେ ଦୁଇଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯାଇଛି। ପ୍ରୋଟୋକଲ୍ ଦୃଷ୍ଟିରୁ କ୍ୟାବିନେଟ୍ ମନ୍ତ୍ରୀଙ୍କଠାରୁ ସେମାନଙ୍କର କୌଣସି ବିଶେଷ କ୍ଷମତା ନାହିଁ। ଏହା ସତ୍ତ୍ୱେ ସେମାନଙ୍କ ସିକ୍ୟୁରିଟି ଓ ଅଫିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ପାଇଁ ରାଜ୍ୟ ରାଜକୋଷରୁ ଅଧିକ ଅର୍ଥ ଖର୍ଚ୍ଚ କରାଯାଉଛି। ଏହାକୁ ବିରୋଧ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଉଭୟ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ଗତ ଅଗଷ୍ଟ ୨୭ରେ ମାମଲାର ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାରେ ରାୟରେ ହାଇକୋର୍ଟ କହିଛନ୍ତି ଯେ ପ୍ରଶାସନିକ ବ୍ୟବସ୍ଥାରେ ଏକ ସନ୍ତୁଳନ ବଜାୟ ରଖିବା ଲାଗି ଏଭଳି ଏକ ପଦ ସୃଷ୍ଟି କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପଦ କେବଳ ଏକ ଆଳଙ୍କାରିକ ପଦ ଏବଂ କାଉନ୍‌ସିଲ୍ ଅଫ ମିନିଷ୍ଟରର ଏହା ଏକ ଅଂଶ। ଏହି ପଦ ସୃଷ୍ଟି ଦ୍ୱାରା ରାଜ୍ୟ ସରକାର ସାମ୍ବିଧାନିକ ବ୍ୟବସ୍ଥାର କୌଣସି ପ୍ରକାର ଉଲ୍ଲଂଘନ ମଧ୍ୟ କରନ୍ତି ନାହିଁ। ଅପରପକ୍ଷେ ଏଭଳି ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ କଡ଼ା ସମାଲୋଚନା କରିଛନ୍ତି। ବ୍ୟକ୍ତିଗତ ସ୍ୱାର୍ଥ ବା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ରୁଜୁ ହେଉଥିବା ଏଭଳି ମାମଲାକୁ ଅତ୍ୟନ୍ତ ସତର୍କତାର ସହ ଦେଖାଯିବା ଉଚିତ୍। ଜନସ୍ୱାର୍ଥ ମାମଲା ଭଳି ଏକ ସୁନ୍ଦର ଅସ୍ତ୍ରର ଅପବ୍ୟବହାର ପାଇଁ ଅଦାଲତ କେବେ ବି ଅନୁମତି ଦେଇପାରିବେ ନାହିଁ। ହାଇକୋର୍ଟ କହିଛନ୍ତି ଯେ, ଏହି ମାମଲା ଦ୍ୱାରା ଅଦାଲତଙ୍କ ବହୁ ସମୟ ନଷ୍ଟ ହୋଇଛି। ଏଥିପାଇଁ ଆବେଦନକାରିଣୀଙ୍କ ଉପରେ ଜରିମାନା କରାଯାଇ ପାରିବ। କିନ୍ତୁ ସେ ଜଣେ ଯୁବ ଆଇନଜୀବୀ ହୋଇଥିବାରୁ ଭବିଷ୍ୟତରେ ଯଦି ଜନସ୍ୱାର୍ଥ ମାମଲା ରୁଜୁ କରିବେ ତାହେଲେ ସେ ସମାଜର ତଳସ୍ତରର ଲୋକଙ୍କ ପାଇଁ କରିବେ ବୋଲି ଅଦାଲତ ଆଶାବ୍ୟକ୍ତ କରିବା ସହ ମାମଲାର ଅନ୍ତ ଘଟାଇଛନ୍ତି। ସରକାରଙ୍କ ତରଫରୁ ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ମାମଲା ଲଢୁଥିଲେ।

# ଆମ ସାଥୀ ହ୍ୱାଟ୍ସଆପ୍ ବଟ୍‌ରେ ମିଳିବ ୧୪ ପୋଲିସ ସେବା

**ଭୁବନେଶ୍ୱର,୧୧।୯ :ନ୍ୟୁଜ୍‌ବ୍ୟୁରୋ**

ପୋଲିସ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଜରୁରୀ ସେବା ପ୍ରାପ୍ତି ନିମନ୍ତେ ପୋଲିସ ଥାନା କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ପଡ଼ିବ ନାହିଁ। ପୋଲିସ ସେବା ବ୍ୟବସ୍ଥାକୁ ଅଧିକ ସରଳ, ଦ୍ରୁତ, ସ୍ୱଚ୍ଛ, ନାଗରିକ-କେନ୍ଦ୍ରିକ ଓ ତ୍ୱରିତ ସେବା ଯୋଗାଇ ଦେବାକୁ ଓଡ଼ିଶା ପୋଲିସ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଏଣିକି ଘରେ ବସି 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍ ମାଧ୍ୟମରେ ସାଧାରଣ ଲୋକମାନେ ୧୪ଟି ପୋଲିସ-ନାଗରିକ ସେବା ପାଇପାରିବେ। ଡିଜିପି ବିନୟତୋଷ ମିଶ୍ର ଶୁକ୍ରବାର ଡିଜିପି କ୍ୟାମ୍ପ ଅଫିସ୍, ଭୁବନେଶ୍ୱରରେ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୫ ଡିସେମ୍ବର ୨୦୨୫, ସୁଶାସନ ଦିବସ ଅବସରରେ 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍ ର ଶୁଭାରମ୍ଭ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୧/୦୯/୨୦୨୬
୫,୬୧,୧୪୨/- ଟଙ୍କା
ସୁନା:- ୨୫ ଗ୍ରାମ୍ ୦୦୦ମିଲିଗ୍ରାମ
ରୂପା:- ୩୩ ଗ୍ରାମ୍ ୦୦୦ମିଲିଗ୍ରାମ

# ଭିଜିଲାନ୍ସ ଜାଲରେ ଏସ୍‌ସି/ଏସ୍‌ଟି ବିଭାଗର ଦୁଇ ଅଡିଟର : ୧୪,୩୮,୩୪୦ ଟଙ୍କା ଜବତ

**କଟକ,୧୧।୯ :ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଦୁଇ ଜଣ ଅଡିଟର ବାଲେଶ୍ୱର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଟକ ଥିବା ଦୁଇ ଅଧିକାରୀ ହେଉଛନ୍ତି ଭୁବନେଶ୍ୱର ଏସଟି/ଏସସି ଉନ୍ନୟନ ବିଭାଗରେ କାର୍ଯ୍ୟରତ ପ୍ରଜ୍ଞା ପ୍ରକାଶ ପାତ୍ର (ପୁରୀ ଜିଲ୍ଲା ବାସିନ୍ଦା) ଏବଂ ପ୍ରଶାନ୍ତ ପ୍ରଧାନ (ଭୁବନେଶ୍ୱର ବାସିନ୍ଦା)। ସେମାନଙ୍କ ନିକଟରୁ ଲାଞ୍ଚ ଟଙ୍କା ବାବଦକୁ ମୋଟ ୧୪ ଲକ୍ଷ ୩୮ ହଜାର ୩୪୦ ଟଙ୍କା ଜବତ କରାଯାଇଛି। ଗୁଇନ୍ଦା ସୂଚନା ଆଧାରରେ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଓ ମୟୂରଭଞ୍ଜ ଭିଜିଲାନ୍ସ ଟିମ୍ ମିଳିତ ଭାବେ ଗୁରୁବାର ବିଳମ୍ବିତ ରାତିରେ ଏହି ଚଢ଼ଉ କରିଥିଲା। ଦୁଇ ଅଡିଟର ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ)ଙ୍କ କାର୍ଯ୍ୟାଳୟରେ କାମ ସାରି ସରକାରୀ ସ୍କର୍ପିଓ ଯୋଗେ ବାରିପଦାର ରଞ୍ଜି ଲେନ୍ ସ୍ଥିତ ମହାପାତ୍ର ହୋଟେଲକୁ ଫେରୁଥିଲେ। ଭିଜିଲାନ୍ସ ଅଧିକାରୀମାନେ ଅଧା ବାଟରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ସେମାନଙ୍କ ପାଖରୁ ୫୨ଟି ଲଫାପା ତଥା ୨୦ଟି ଖୋଲା



ବିଡ଼ାରେ ରଖାଯାଇଥିବା ୫ ଲକ୍ଷ ୫୧ ହଜାର ୫୧୦ ଟଙ୍କା ମିଳିଥିଲା। ସେମାନେ ଏହି ଟଙ୍କାର କୌଣସି ସନ୍ତୋଷଜନକ ହିସାବ ଦେଇପାରି ନଥିଲେ। ଏହାପରେ ସେମାନେ ରହୁଥିବା ହୋଟେଲ କୋଠରିରେ ତଲାସି ନିଆଯାଇଥିଲା। ସେଠାରୁ ଆଉ ୮ ଲକ୍ଷ ୮୬ ହଜାର ୮୩୦ ଟଙ୍କା ମିଳିଥିଲା। ସମୁଦାୟ ୧୪,୩୮,୩୪୦ ଟଙ୍କା ଜବତ କରାଯାଇଛି। ଗତ ଅଗଷ୍ଟ ୩୦ ତାରିଖରୁ ଏହି ଦୁଇ ଅଡିଟର ମୟୂରଭଞ୍ଜ ଜିଲ୍ଲାର ବାରିପଦା ଠାରେ ରହି ଅଡିଟ୍ କାର୍ଯ୍ୟ ଚଳାଇଥିଲେ। ସେମାନେ ଆଶ୍ରମ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଏସ୍‌ଏସ୍‌ଡି ଛାତ୍ରାବାସର ହିସାବ ଯାଞ୍ଚ କରୁଥିଲେ। ସମସ୍ତ ପ୍ରଧାନଶିକ୍ଷକ ତଥା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ରେକର୍ଡପତ୍ର ଧରି ବାରିପଦା ଡକାଯାଇଥିଲା। ଅଡିଟ୍ ସୁରୁଖୁରୁରେ ସାରିବା ପାଇଁ ପ୍ରତି ନାମଲେଖା ଛାତ୍ରଛାତ୍ରୀ ପିଛା ୧୦ ଟଙ୍କା ଲେଖାଏଁ ବଟି ଦାବି ହୋଇଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ଚଢ଼ଉ କରାଯାଇଥିଲା ଏବଂ ସତ୍ୟ ପ୍ରମାଣିତ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ବିପୁଳ ପରିମାଣର ଅର୍ଥ କେଉଁଠୁ ଆସିଲା, ସେନେଇ ଉଭୟଙ୍କୁ ଅଟକ ରଖି ଜେରା ଚାଲିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ସେମାନଙ୍କ ସହ ଜଡ଼ିତ ଅନ୍ୟାନ୍ୟ ଠିକଣାରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି। ସେମାନଙ୍କ କାର୍ଯ୍ୟାଳୟ ସମେତ ପୁରୀ ଓ ଭୁବନେଶ୍ୱର ସ୍ଥିତ ପୈତୃକ ବାସଭବନରେ ମଧ୍ୟ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ଉ ଜାରି ରଖିଛି। ଅଧିକ ତଦନ୍ତ ତଥା ସର୍ଚ୍ଚ ଅପରେସନ ପାଇଁ ଉଭୟ ଅଧିକାରୀଙ୍କ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ସମେତ ସେମାନଙ୍କ ନିଜ ନିଜ ଘରେ ଏକକାଳୀନ ଭିଜିଲାନ୍ସ ରେଡ୍ ଜାରି ରହିଛି ଏବଂ ଅଟକ ଉଭୟ ଅଭିଯୁକ୍ତଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟକୁ ନିଆଯାଉଛି ବୋଲି ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ଅଧୀକ୍ଷକ ଅରୁଣ କୁମାର ନାୟକ ସୂଚନା ଦେଇଛନ୍ତି। ପରବର୍ତ୍ତୀ ସମୟରେ ଜବତ ଟଙ୍କାର ସଠିକ୍ ପରିମାଣ ଓ ତଦନ୍ତ ସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଭିଜିଲାନ୍ସ ବିଭାଗ କହିଛି, 'ଚାଲୁଥିବା ଅଡିଟ୍ ସମୟରେ ମୟୂରଭଞ୍ଜ ଜିଲ୍ଲାର ଏସ୍‌ସି/ଏସ୍‌ଟି ବିଭାଗର ଆଶ୍ରମ ସ୍କୁଲ ଏବଂ ଏସଏସଡି ହଷ୍ଟେଲର ଇନଚାର୍ଜଙ୍କ ଠାରୁ ଲାଞ୍ଚ ଆଦାୟର ରେଜିଷ୍ଟ ଇନପୁଟ୍ ଆଧାରରେ ୨ ଜଣ ଅଡିଟର ପ୍ରଶାନ୍ତ କୃଷ୍ଣ ପ୍ରଧାନ ଏବଂ ପ୍ରଜ୍ଞାନ ପ୍ରକାଶ ପାତ୍ରଙ୍କୁ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ବାରିପଦାରୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ୧୪.୩୮ ଲକ୍ଷ ଟଙ୍କା ଜବତ କରାଯାଇଛି।'





ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା ରବିବାସରୀୟ କଳିକା ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com